ତାର୍ତ୍ତରସ୍ଥାନ ବିଜୟର ଏକ ପଦ୍ୟ ବର୍ଣ୍ଣନା ପାଠ କରି ଜନୁ ପେଟ୍ଟିଅଟ ଲେଖିଅଛନ୍ତି ଯେ ତାରିଲର ଅମୀରଙ୍କ ସେନା ସେଠାରେ ସାମାନ୍ୟ ଅତ୍ୟାଚାର କରି ନାହାନ୍ତି । ଅମୀର ସୈନ୍ୟମାନେ ତାର୍ତ୍ତରମାନଙ୍କୁ ବଳପୂର୍ବକ ମୁସଲମାନ କଲେ ଏବଂ ସେମାନଙ୍କର ସ୍ତ୍ରୀ ପୁତ୍ରାଦିଙ୍କୁ ନିଷ୍ଠୁରରୂପେ ହତ୍ୟା କଲେ । ମୁସଲମାନ ନ ହେଲେ ପ୍ରାଣ ଯାଇବ ଏହି ପ୍ରତିଜ୍ଞା ଜଣାଇ ଦେବାରୁ ତାର୍ତ୍ତରମାନେ ଅଗତ୍ୟା ମୁସଲମାନ ଧର୍ମ ଗ୍ରହଣ କଲେ ଏବଂ ସେମାନଙ୍କ ସମ୍ମୁଖରେ ସେମାନଙ୍କ ଠାକୁର ଓ ଠାକୁର ମନ୍ଦିରମାନ ଭଙ୍ଗାଗଲା । ଗ୍ରାମ୍ୟଲୁ ତାଙ୍କର ସ୍ଥାନରେ କୌଣସି କାଗଜ ସମ୍ବାଦପତ୍ରର ଜେହି ପ୍ରକୃତସମ୍ବାଦଦାତା ନ ଥିଲା । ତୋହ୍ନରେ ଅମୀର ସେବାର ଉପଦ୍ରବ ସମ୍ବାଦପତ୍ରରେ ଏହି ବଳତଠାରୁ ଅତ୍ରିଞ ଗବର୍ଣ୍ଣମେଣ୍ଟ ପର୍ଯ୍ୟନ୍ତ ଜଣାଣ ହୋଇଆସେ । ଅରମିନଥର ଶ୍ରୀଷ୍ଟାନଙ୍କ ହତ୍ୟା ଯେନ କେତେ ଅତ୍ୟୋଭନ ଲିଖିଅଛି । ଯାହା ହେଉ ଘଟନା


Split by PDF Splitter

Digitized by srujanika@gmail.com

ସାଧ୍ୟ ହେଲେ ଇଂରାଜ ବନ୍ଧୁ ଅମିରଙ୍କର ବଡ଼ ଉଲ୍ଲାସର ବିଷୟ ।

---

ସନ ୧୮୫୩ । ୯୪ ସାଲରେ ଓଡ଼ିଶାରେ ମା ୬୨୯ ଗଲ ସରକାରୀ ବନ୍ଦ ଥିଲା । ସନ ୧୮୯୧ । ୯୨ ସାଲରେ ମା ୨୪୮ ଗଲ ବନ୍ଦ ପରିତ୍ୟକ୍ତ ଏବଂ ମା ୪୫ ଗଲ ଅନ୍ୟ ବିଭାଗର ଅନ୍ତର୍ଗତ ହୋଇ ଅବଶିଷ୍ଟ ମା ୨୨୬ ଗଲ ନିମ୍ନଲିଖିତ ଶ୍ରେଣୀ ଭୁକ୍ତ ହେଲା । ଯଥା

୧ମ ଶ୍ରେଣୀ ବନ୍ଦ ଯାହାକି ହେନାଲି ଏଷ୍ଟାବର ଅନ୍ତର୍ଗତ ମା ୧୬୮
୨ ୟ ଶ୍ରେଣୀ ବୃଟିଶଗଭରର ମା ୨୫୪
୩ ୟ ଶ୍ରେଣୀ ଏକତ ମା ୧୪୧
ଚତୁର୍ଥ ଶ୍ରେଣୀ ଏକତ ମା ୧୨୩

୩ୟ ଓ ୪ର୍ଥ ଶ୍ରେଣୀର ବନ୍ଦମାନ ପରିତ୍ୟକ୍ତ ହୋଇଅଛି କି ନା ହେବ । ସୁତରାଂ ମା ୬୨୯ ଗଲ ବନ୍ଦରୁ କେବଳ ମା ୪୨୨ ଗଲ ଅବଶିଷ୍ଟ ରହିଲା । ବନ୍ଧ ଉଠାଇ ଦେଇ ସରକାର ଆପଣା ଖର୍ଚ୍ଚ ବଞ୍ଚାଇଲେ ମାତ୍ର ଏଥିରେ ଯେ କେତେ ଭୂମି ନଷ୍ଟ ହୋଇଥିଲା ଏବଂ କେତେ ପ୍ରଜା ଅନ୍ନ ଓ ବାସରୁ ବଞ୍ଚିତ ହେଲେ ତହିଁର ଖବର କି ସରକାର କରିବେ ନାହିଁ ? ଅନ୍ତତଃ ବର୍ତ୍ତମାନ ବନ୍ଦୋବସ୍ତରେ ସେ ସବୁ ଜମିର ଅବସ୍ଥା ଦେଖି ଖଜଣା ଧାର୍ଯ୍ୟ କଲେ କେତେକ ଭରସା ହେବ ।

---

ସମ୍ବଲପୁରର ଦୁର୍ଗାପାଲି ଜମିଦାରୀରେ ଜଣେ ଗଣ୍ଡ ଖ ୧୧ ଗ୍ରୀ ମୁଦ୍ରା ପାଇ ଜଣେ ଗୌଡ଼କୁ ଦେଖାଇବାରେ ସେ ଭାଗ ମାଗିଲା ଏବଂ ଭାଗ ନ ଦେବାରୁ ଗୌଡ଼ ପୁଲିସରେ ଜଣାଇ ଧରାଇ ଦେଲା । ସ୍ଥାନୀୟ ପ୍ରାପ୍ତିବିଷୟକ ଅଭିଜ୍ଞାନୁସାରେ ତଞ୍ଚକ ଚଳାଇବାରେ ସେ- ଥିର ଦାବିଦାର ନ ବାହାରିବାରୁ ଡେପୁଟୀ କମିସନର ସାହେବ ସେହି ମୁଦ୍ରାର ମୂଲ୍ୟ ଟ ୧୨୦୦ ଟା ମଧ୍ୟରୁ ଗୌଡ଼କୁ ଟ ୩୦୦ ଟା ପୁରସ୍କାର ଦେଇ ଅବଶିଷ୍ଟ ସରକାର ଥିର ଜବତ କଲେ ଏବଂ ଗଣ୍ଡ ଏ ବିଷୟ ଗୋପନ କରିଥିବା ହେତୁରେ ତାହାକୁ ଦଣ୍ଡ ଦେଲେ ନାହିଁ । ସମ୍ବଲପୁର ହିତୈଷିଣୀ ଏ ସମ୍ବାଦ ପ୍ରକାଶ କରି ଯଥାର୍ଥ କହୁଅଛନ୍ତି କି ଏ ବିଷୟର ଅନୁସନ୍ଧାନ ହୋଇଅଛି । ଗଣ୍ଡମାନେ ଏତେ ମୂର୍ଖ ଯେ ସେମାନେ ଅଇନ ଜାଣନ୍ତି ନାହିଁ ସୁତରାଂ ସେ ପାଏ ତାହାର ଏହି ବିଷୟରେ ଗଣ୍ଡ ଲିପ୍ତ ଥିଲା, ଗୌଡ଼ ଉର୍ଣ୍ଣା ଭାବରେ କାର୍ଯ୍ୟ କରି ପୁରସ୍କୃତ ହେଲା ଏବଂ ଗଣ୍ଡ ସରଳ ବିଶ୍ୱାସ ହେତୁ ଏକାବେଳେ ନୈରାଶ ହେଲା । ଅନ୍ତତଃ ତାହାକୁ ପୁରସ୍କାରର ଭାଗ ଦେଇ ବରଞ୍ଚ ଜାତି- ମାନଙ୍କ ଅଭିଜ୍ଞାନୁସାରେ ପୁରସ୍କାର ଉପରେ ଉତ୍ସାହ ଦେବା ସାହେବଙ୍କର ଉଚିତ ଥିଲା ।

---

ଗତ ତାରିଖର ସମ୍ବାଦ କାଗଜରେ ପାଠ କଲୁଁ କି ବାବୁ ଶ୍ରୀ ରାଜନାରାୟଣ ଦାସ ଅନ୍ୟା- ନ୍ୟ ପ୍ରାର୍ଥନା ସଙ୍ଗେ ମାଦାଳ ବନ୍ଦୋବସ୍ତ କାର୍ଯ୍ୟ ବନ୍ଦୋବସ୍ତରେ ନିଯୁକ୍ତ ଥିବା କର୍ମଚାରୀମାନଙ୍କ ଦ୍ୱାରା ଜରିପ ନେବା ଏବଂ ବନ୍ଦୋବସ୍ତ ଶେଷ ହେବା ପ୍ରାର୍ଥନା କରି ରେଭେନ୍ୟୁବୋର୍ଡ଼- ଙ୍କ ସମୀପକୁ ଏକ ଆବେଦନ ପତ୍ର ପଠାଇ- ବାରେ ଉଦ୍ଧୃତରେ ବୋର୍ଡ କହିଅଛନ୍ତି କି ବନ୍ଦୋବସ୍ତ କର୍ମଚାରୀମାନଙ୍କର ଜଞ୍ଜ କାର୍ଯ୍ୟ ଏତେ ବାକି ଅଛି ଯେ ବନ୍ଦୋବସ୍ତ କାର୍ଯ୍ୟ କରି- ବାକୁ ସେମାନଙ୍କର ଅବସର ହେବ ନାହିଁ ମାତ୍ର ଯେବେ ବନ୍ଦୋବସ୍ତ ଶେଷ ହେବା ସମୟରେ କବୁଲିୟତ ମୋକଦ୍ଦମା ଅଧିକ ବାଏର ଥିବାର ଦେଖାଯିବ ତେବେ ସେ ସବୁ ନିଷ୍ପତ୍ତି ସକାଶେ ବନ୍ଦୋବସ୍ତରେ ନିଯୁକ୍ତ ଥିବା ଡେପୁଟୀମାନଙ୍କ ମଧ୍ୟରୁ ଏକଜଣ ନିଯୁକ୍ତ କରାଯାଇ ପାରେ । ଯେଉଁମାନଙ୍କର ଜମିଦାରୀ ବନ୍ଦୋବସ୍ତ କରିବା ନେବାର ଆବଶ୍ୟକ ଅଛି ସେମାନଙ୍କ ବନ୍ଦୋ- ବସ୍ତ ଶେଷ ହେବା ପୂର୍ବରୁ ଜାଲସ ବାଏର କରିବା ସକାଶେ ସହଯୋଗୀ ପରାମର୍ଶ ଦେଇ ଅଛନ୍ତି ତାହା ହେଲେ ଅଳ୍ପ ସମୟ ଓ ଅଳ୍ପ ବ୍ୟୟରେ ବନ୍ଦୋବସ୍ତ ହୋଇ ପାରିବ । ଏ ପରା- ମର୍ଶ ଉତ୍ତମ ଅଟେ । ଆମ୍ଭେ ମହୋଦୟଙ୍କର ଆବେଦନ ପ୍ରାର୍ଥନା ନ ଶୁଣି ଏବଂ ବନ୍ଦୋବସ୍ତ ଅଇନ ସଂଶୋଧନ ପାଣ୍ଡୁଲିପି ସମ୍ବନ୍ଧରେ ଭାବା- ନ୍ତର ନ ଘଟାଇ ପ୍ରକାଶ ହେଲେ ଉତ୍ତମ ହୁଅନ୍ତା ।

---

ଉତ୍କଳର ବର୍ତ୍ତମାନ ଅବସ୍ଥା ଏପରି ଅଟେ କି କେହି ସତ୍ସାହସ ପ୍ରକାଶ କଲେ ଜନସମାଜ ଉଦ୍‌ଗ୍ରୀବ ହୋଇ ସାହାଯ୍ୟ ନ ଦେବାରୁ ଭଲ ପୁସ୍ତକ ପ୍ରକାଶ କରିବାରୁ ସ୍କୁଲଇନସ୍ପେକ୍ଟରମାନେ ସାହସୀ ହେଉ ନାହାନ୍ତି । ସେମାନଙ୍କର ଅଂଶିକ ସାହାଯ୍ୟ ନିମନ୍ତେ କାମଣ୍ଡାଙ୍କପତି ଉତ୍କଳର ଲେ- ଖକ ପ୍ରଧାନ ରାଜା ଜମିଦାରଙ୍କ ନିକଟରେ ପ୍ରତ୍ୟେକ ଭଲ ପୁସ୍ତକ ବାହାରିଲେ ତହିଁରୁ ୧୦ । ୫ ଖଣ୍ଡ କିଣିବା ପାଇଁ ଅନୁରୋଧ କରି ସେ ଲେଖକ ବର୍ଣ୍ଣରେ ତହିଁର ଖଣ୍ଡେ ତାଲିକା ପଠାଇ ଥିଲେ । ସେ ତାଲିକାରେ ତ ୨୬ ଜଣ ସମ୍ଭ୍ରାନ୍ତ ବ୍ୟକ୍ତି ନାମରେ ମୋଟରେ ଖ ୧୪୮ ଗ୍ରୀ ପୁସ୍ତକ ନେବାର ବସ୍ତୁତ ଥିଲା । ସମ୍ବଲପୁର ହିତୈଷିଣୀ ଏହି ବିଷୟ ଲେଖି ଦୁଃଖର ସହିତ ପ୍ରକାଶ କରିଅଛନ୍ତି କି ୪ । ୫ ଜଣ ଛଡ଼ା ଆଉ କେହି ଏହି ପ୍ରସ୍ତାବରେ ସମ୍ମତ ହେବା ଦୂରେଥାଉ ପ୍ରାପ୍ତିସ୍ୱୀକାର ସୁଦ୍ଧା କଲେ ନାହିଁ । ରାଜା ସର ସୁଦଳ ଦେବଙ୍କର ଉତ୍କଳ ସାହିତ୍ୟ ପ୍ରତି ପ୍ରଗାଢ଼ ଅନୁରାଗ ଥିବାର ସମସ୍ତଙ୍କୁ ଜଣା- ଅଛି । ସେ ଏହି ପ୍ରସ୍ତାବଦ୍ୱାରା ଆପଣା କର୍ତ୍ତବ୍ୟ- କର୍ମ କରିଅଛନ୍ତି ଏଣିକରେ ସନ୍ତୁଷ୍ଟ ହେବେ ପ୍ରାର୍ଥନା ପତ୍ରର ଉତ୍ତର ନ ପାଇଲେ ବୋଲି ଦୁଃଖିତ ହେବେ ନାହିଁ । ଯେଉଁମାନେ ଉତ୍ତର ଦେଇନାହାନ୍ତି ସମ୍ଭବତଃ ପ୍ରସ୍ତାବଟି ତାହାଙ୍କ ମନକୁ ପାଇ ନାହିଁ ଏବଂ ତାହାହେଲେ ମୌନ ନ ରହି ମନକୁ ନ ପାଇବାର କାରଣ ଦେଖାଇ- ଦେଲେ ଭଲ ହୁଅନ୍ତା । ଆମ୍ଭମାନଙ୍କ ବିବେ- ଚନାରେ ପ୍ରସ୍ତାବଟି ଅତି ସାମାନ୍ୟ କାରଣ ଏଥିରେ ଅଧିକ ଉପକାରର ସମ୍ଭାବନା । କେହି ଭଲ ପୁସ୍ତକର ପ୍ରକାଶକ କେବଳ ଅର୍ଥ ସାହାଯ୍ୟ ସ୍ୱୟଂ ଉତ୍କଳର ସମ୍ଭ୍ରାନ୍ତ ବ୍ୟକ୍ତିମାନଙ୍କୁ ପ୍ରାର୍ଥନା କରି ପାଇପାରନ୍ତି ଓ ପାଉଅଛନ୍ତି । ଓଡ଼ିଶାର ରାଜା ଜମିଦାରମାନେ ସଦ୍‌ଗ୍ରନ୍ଥ ପ୍ରକାଶ ବିଷୟରେ ଉଦାସୀନ ନୁହନ୍ତି । କେତେକଜଣ ବହୁବ୍ୟୟରେ ବୃହତ ଏବଂ ଉତ୍କୃଷ୍ଟ ପୁସ୍ତକମାନ ସ୍ୱୟଂ ପ୍ରକାଶ କରିଅଛନ୍ତି ଏବଂ ଅନେକ ପ୍ରକାଶ- କମାନଙ୍କୁ ସାହାଯ୍ୟ କରିଅଛନ୍ତି ଓ କରୁଅଛନ୍ତି ଏଥିରୁ ଭରସା ହେଉଅଛି ଅବଶିଷ୍ଟମାନେ ଏହି ଦୃଷ୍ଟାନ୍ତର ଅନୁଗାମୀ ହେବେ ।

---

ଆମ୍ଭମାନଙ୍କର ଯାଜପୁର ସମ୍ବାଦଦାତା ଲେ- ଖିଅଛନ୍ତି କି ବୈତରଣୀ ନଦୀର ଶାଖା ବୁଢ଼ା- ନଦୀର ମୁହଁଠାରୁ ଯାଜପୁରକୁ ଯେଉଁ ବାନ୍ଧ ହେବାର ଥାଇଅଛି ସେହି କେନାଲି ନିମନ୍ତେ ବନ୍ଦ ହୋଇଥିଲା ଏବଂ ଦେଶୀୟଲୋକମାନଙ୍କର ମୁଖ ବନ୍ଦ ଓ ବୁଢ଼ାନଦୀ ମୁହାଣରେ ଅନେକ ପଡ଼ିବାରୁ ସେ ଅଞ୍ଚଳର କେତେଗୁଡ଼ାଏ ଗ୍ରାମ ବର୍ତ୍ତମାନ ସାମାନ୍ୟ ଜଳବୃଦ୍ଧି ହେଲେ ବୁଡ଼ିଯାଉଅଛି । ଗତ ବର୍ଷରେ ଗ୍ରାମମାନ ବୁଡ଼ି ହେବେ ବଳ

Split by PDF Splitter
Digitized by srujanika@gmail.com

Split by PDF Splitter



ଭୂମି ଓ ବେଳେ ଭଗ୍ନ ହୋଇଗଲା । ଲୋକେ ଗ୍ରାମ ଛାଡି ପଳାଇଅଛି ନାନାକଷ୍ଟରେ ଅଛନ୍ତି କେତେକ । ଉପଦ୍ରବରେ ଜଳ ଛାଡିଯିବାରୁ କେତେ ଲୋକ ଗ୍ରାମକୁ ଫେରି ଯାଇଥିଲେ ମାତ୍ର ଜଳ ପୁନର୍ବାର ମଡାଇବାର ପୁଣ ବଢ଼ିଥିବାରୁ ଅନେକ ଗ୍ରାମବାସୀ ଏକତ୍ରିତ ହୋଇ ବୁଢାନଦୀର ପୂର୍ବପାର୍ଶ୍ୱ ଆଉଜନ କାଟିଦେବାଦ୍ୱାରା ବନ୍ୟାଜଳରୁ ରକ୍ଷାପାଇବା ଆଶାରେ ବୁଢାନଦୀର ପୂର୍ବପାର୍ଶ୍ୱ ଆଉଜନ କାଟିଦେବା ନିମନ୍ତେ କୋଡ଼ି ଗଇଣ୍ଠିଆଦି ନେଇ ଉପସ୍ଥିତ ହୁଅନ୍ତେ ଓଭରସିୟର ପ୍ରଭୃତି ପୁଲିସରେ ଇତଲା ଦେବାରୁ ପୁଲିସ ଇନସ୍ପେକ୍ଟର ବାବୁ ଅକ୍ଷୟଚନ୍ଦ୍ର ମୁଖୁର୍ଜ୍ୟା କେତେଜଣ କନେଷ୍ଟବଲ ଘେନି ସେଠାରେ ପହଞ୍ଚିଲେ । ସେମାନଙ୍କୁ ଦେଖି ବନ୍ଧ କାଟୁଥିବା ଲୋକମାନେ ପଳାଇଗଲେ । ମାତ୍ର ପୁଲିସବାଲାମାନେ ଦୌଡାଦୌଡ଼ି କରି ଅଠଜଣ ମନୁଷ୍ୟ ଓ ଦୁଇଖଣ୍ଡ କୋଡ଼ି ଗିରଫ୍ତାର କରି ଆଣିଅଛନ୍ତି । ପୁଲିସ ଅବସ୍ଥା ପହଞ୍ଚନ୍ତେ ଡାକ୍ତରମାଷ୍ଟରଙ୍କ ସହିତ ଗ୍ରାମବାସିଙ୍କର ଦଙ୍ଗା ହେବାର ଜଣାଯାଏ । ଏବଂ ସେ ସମୟରେ ଯାଜପୁର ମିଉନିସିପାଲିଟୀର ଜଣେ ସଭ୍ୟ ନନ୍ଦନମୋହନ ଦାସ ସେ ବାଟେ ଆସୁଥିବାରୁ ମାଡ ଖାଇବାର ନାଲିସ କରିଅଛନ୍ତି । ଡାକ୍ତରମାଷ୍ଟର ଡମିଗ୍ରିସଙ୍କ ନାଲିସ ପୁଲିସ ତଦାରକ ନିମନ୍ତେ ପଠାଯାଇଅଛି । ମୋକଦ୍ଦମାର ଫଳ ଏ ପତ୍ରେ ଜଣାଯିବ । ମାତ୍ର କେଉଁ ହେତୁରୁ ଦାବେଠାବେ ବନ୍ଧର ଉପଦ୍ରବ ଅସହ୍ୟ ହେବାର ଏଥିରୁ ଜଣାଯାଉଅଛି । ଏ ସବୁ ଗ୍ରାମବାସିଙ୍କୁ କ୍ଷତିପୂରଣ ଦେଇ ଅନ୍ୟ ସ୍ଥାନକୁ ଉଠିଯିବା ନିମନ୍ତେ ବୁଝାଇଦେବା ସରକାରଙ୍କର ଉଚିତ ହେଉ ନାହିଁ କି ?

---

## ଜଳର ବ୍ୟବସ୍ଥା

ବଙ୍ଗଳାର ଅନେକ ଜିଲ୍ଲାରେ ଗତ ଗ୍ରୀଷ୍ମକାଳରେ ଜଳ କଷ୍ଟ ହେବାରୁ ଖାଦ୍ୟ ଜବାଇଣ ଏବଂ ଭବିଷ୍ୟତରୁ ଜଳର ସୁବିଧା ନିମନ୍ତେ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର ଗତ ମଇମାସ ତା ୨୨ ରିଖ ଲିଖିତ ଯେଉଁ ସର୍କୁଲାର ବାହାରିଅଛି ତହିଁର ମର୍ମ ପାଠକମାନଙ୍କୁ ଜଣାଉଅଛୁଁ । ତହିଁର ସଂକ୍ଷେପ ମର୍ମ ଏହି କି ଜଳକଷ୍ଟ ଅପରିହାର୍ଯ୍ୟ ନୁହେ ଯେ ଏକସ୍ଥାନରେ ଅଭାବ ଘଟିଲେ ଉତ୍ପଣ୍ଣାରୁ ଅନ୍ୟସ୍ଥାନରୁ ଆମଦାନିଦ୍ୱାରା ପୂର୍ତ୍ତି କରାଯାଇ ପାରେ । ସବୁସ୍ଥାନରେ ପ୍ରଚୁର ଜଳ ଭଣ୍ଡାର ଗ୍ରୀଷ୍ମଋତୁ ନିମନ୍ତେ ପ୍ରସ୍ତୁତ ରଖିବା ଆବଶ୍ୟକ ଏବଂ ତହିଁ ସକାଶେ ଏତେ ଅର୍ଥ ପ୍ରତ୍ୟାଶିତ ଯେ ଜିଲା ବୋର୍ଡର ତହବିଲ ଅଥବା ସରକାରୀ ଆନୁଷଙ୍ଗିକ ତହବିଲରୁ ତାହା ଘଟଣା ହେବା ଅସମ୍ଭବ । ଅତଏବ ନୂତନ କର ସ୍ଥାପନର ପ୍ରୟୋଜନ ଅନୁଭବ ହୁଏ ଗବର୍ଣ୍ଣମେଣ୍ଟ ଯେ ସବୁ କରର ପ୍ରସ୍ତାବ କରିଅଛନ୍ତି ତତ୍ସମ୍ବନ୍ଧରେ ଅମ୍ଭମାନଙ୍କର ଅଭିପ୍ରାୟ ଏପତ୍ରେ ପ୍ରକାଶ କରୁଁ । ନୂତନ କର ଦ୍ୱାରା ଜଳାଭାବ ଦୂର ହୋଇ ପାରେ କି ନା ଅଗ୍ରେ ଏହି ବିଷୟ ବିଚାର କରିବା ଉଚିତ । ଯଦ୍ୟପି ଓଡ଼ିଶାସମ୍ବନ୍ଧରେ ଅମ୍ଭମାନଙ୍କର ମନ୍ତବ୍ୟ ପ୍ରକାଶ କରୁଅଛୁଁ ଖାସ ବଙ୍ଗଳାର କଥୁବର୍ତ୍ତୀ ଅମ୍ଭମାନଙ୍କର ଜାଣି ଏବଂ ସେଠା ଅବସ୍ଥା ବିଷୟରେ କିଛି କହିବାକୁ ଅକ୍ଷମ ।

ଜଳ ଯେମନ୍ତ ମନୁଷ୍ୟର ଶ୍ରେଷ୍ଠ ନିତାନ୍ତ ପ୍ରୟୋଜନୀୟ ବସ୍ତୁ ତା ଯୋଗାଇବାର ତେମନ୍ତ ପ୍ରଚୁର ଦେବା ଉପାୟ ଅନାଦିକାଳରୁ ରହିଅଛି ମାତ୍ର ସବୁସ୍ଥାନରେ ବାରମାସ ଭୂମିଉପରେ ଜଳ ନ ଥାଏ ବୋଲି ମନୁଷ୍ୟ କୂଅ ପୁଷ୍କରିଣୀ ତଡ଼ାଗ ଜଳ ଭଣ୍ଡାର ସୃଷ୍ଟି କରି ରଖିଅଛନ୍ତି ଓଡ଼ିଶାରେ ଯେମନ୍ତ ନଦୀ ନାଳର ଅଭାବ ନାହିଁ ତେମନ୍ତ କୂଅ ପୋଖରୀର ଅଭାବ ନାହିଁ । ଲୋକମାନେ ଆପଣା ଏବଂ ଦାନଶୀଳ ବ୍ୟକ୍ତିମାନେ ସାଧାରଣ ହିତାର୍ଥେ କମାଗତ କୂଅ ପୋଖରୀ ଖୋଳାଇ ଆସୁଅଛନ୍ତି । ଏବଂ ସେ କାର୍ଯ୍ୟର ବିରାମ ନାହିଁ । ଅବଶ୍ୟ ଏ କଥା ସ୍ୱୀକାର କରିବାକୁ ହେବ ଯେ ଏକପକ୍ଷରେ ଯେମନ୍ତ ଲୋକ ସଂଖ୍ୟା ବୃଦ୍ଧି ହେବାରୁ ଅପେକ୍ଷାକୃତ ବସ୍ତିକର ସ୍ଥାନରେ ନୂତନ ବସତିମାନ ସ୍ଥାପିତ ହେଉଅଛି ଅପରପକ୍ଷରେ ତେମନ୍ତ ଜଳାଶୟ ବୃଦ୍ଧି ହେଉନାହିଁ ଏବଂ ପୁରୁଣା ଅନେକ ପୁଷ୍କରିଣୀ ପୋତି ହୋଇ ଯାଉଅଛି । ଏହା କେବଳ ମାତ୍ର ଲୋକଙ୍କ ଦୋଷରୁ ଘଟୁଅଛି ଏମନ୍ତ ନୁହେ ସରକାରଙ୍କର ଏକଦେଶ ଦୃଷ୍ଟି ମଧ୍ୟ ଏଥିର ଅନ୍ୟ ପ୍ରଧାନ କାରଣ ଅଟେ । ସରକାରଙ୍କର ଦେୱାନି ଓ କଳ ବିଭାଗୀୟ କର୍ମଚାରୀମାନେ ଆପଣା କାର୍ଯ୍ୟ ତଥା ସମ୍ପୃକ୍ତ ଅନୁବନ୍ଧପୂର୍ବକ କରୁଥିବା ସମୟରେ ଜାଣି ଅବା ନ ଜାଣି ନିକଟବର୍ତ୍ତୀ ଲୋକଙ୍କର ସୁବିଧା ପ୍ରତି ଦୃଷ୍ଟି ନ ରଖି କେତେକ ରାସ୍ତାଘାଟ, ନାଳ, ଯୋଗ ପାଟ, ପୁଷ୍କରିଣୀ ଆଦି ଶୁଖାଇ ଦେଇଅଛନ୍ତି କେବଳ ପୂର୍ବ ରହିଥିବାଙ୍କ ବର୍ତ୍ତମାନ ବନ୍ଦୋବସ୍ତର ନକ୍ସା କାଗଜ ମେଳ କଲେ ଅନାୟାସରେ ପ୍ରକାଶିତ ହେବ । ଅମ୍ଭେମାନେ ଜାଣୁ ଯେ ବନ୍ଦୋବସ୍ତ କର୍ମଚାରୀମାନେ ସାବଧାନ ରହିଥିଲେ ଉପଯୁକ୍ତ ସ୍ଥାନରେ ପରିତ୍ୟାଗ କରିଅଛନ୍ତି ସେମାନଙ୍କ କାଗଜରୁ ଏହା ପ୍ରମାଣ ହେବା ସହଜ ନୁହେ । ମାତ୍ର ବର୍ତ୍ତମାନ ଯେଉଁ ଜଙ୍ଗଲାପୁର ଭାଲିକା କାନଗୋଇମାନଙ୍କଦ୍ୱାରା ପ୍ରସ୍ତୁତ ହେଉଅଛି ସେଥିରେ ତହିଁସଙ୍ଗେ କେଉଁ ଜଳାଶୟ କି କାରଣରୁ ପୋତାପଡ଼ି ଅଛି ଏଥିର ଅନୁସନ୍ଧାନ ହେବ ତେବେ ନାଲି ବନ୍ଧ, ଅପର ବନ୍ଧ ଏବଂ ସଫାଇନାଳ ଦ୍ୱାରା ପତନ ଜଳାଶୟ ଅଂଶବିଶେଷ ପୂର୍ତ୍ତି ନଷ୍ଟ ଏବଂ ତଦ୍ୱାରା ସେ ଅଞ୍ଚଳ ବାସିଙ୍କର ଜଳ କଷ୍ଟ ହେବାର ପ୍ରକାଶ ପାଇବ । ଅମ୍ଭମାନଙ୍କର ବିବେଚନାରେ ଏହି ସମସ୍ତ ଜଳାଶୟ ନଷ୍ଟ ଯାହା ରକ୍ଷା କରିବା ତାହାର ପ୍ରୟୋଜନ ତହିଁର ସ୍ଥାୟୀ ସର୍ବ କାଳିକାଳ ବରାବରୁ ହେବା ନ୍ୟାଯ୍ୟ ସଙ୍ଗତ ଅଟେ ଏବଂ ତାହାର କ୍ଷତି ପୂରଣ ନିମନ୍ତେ ଯେ ସ୍ଥଳେ ସରକାରୀ ପ୍ରଦେଶୀୟଙ୍କର ନେଉଅଛନ୍ତି ସେସ୍ଥଳେ ସେହି କରର କିମ୍ବଦଂଶ ଏ ବ୍ୟୟ ହେବା ଉଚିତ । ଏହିରୂ ଜଳାଶୟ ସାମାନ୍ୟ ଖୋଳାଇ ନାଳକଳ ପ୍ରଭାବର୍ଷେ ବରଗ କରି ଦେଲେ ଅଧିକ ବ୍ୟୟ ହେବ ନାହିଁ ଏବଂ ତହିଁରୁ ସେଥିରୁ ଜଳ ନେଲେ କର ଆଦାୟ କରିପାରିବେ । ସରଞ୍ଜାମିକାଳର କହ୍ନୁର୍ହି ଭୂମିଖଣ୍ଡରୁ ବନ୍ଧ ଉଠିଯିବା ଯୋଗେ ଜଳରେ ଭାସୁଅଛି ଜଳାଭାବ କଥା କିଏ ପଚାରିବ ? ତଥାପି ଗ୍ରୀଷ୍ମକାଳରେ କୌଣସିଠାରେ ଜଳକଷ୍ଟର ସମ୍ଭାବନା ଥିଲେ ତହିଁପାଇଁ ଏତେ ବ୍ୟୟ ଆବଶ୍ୟକ ହେବ ନାହିଁ କି ଯାହା ନୂଆ କୋରଡ଼ ଯୋଗାଇ ନ ପାରିବେ । ଏଥିଉପରେ ଲୋକଙ୍କର ବଦାନ୍ୟତା ପୂର୍ବଠାରୁ ଶିଥିଳ ହୋଇଥିଲେହେଁ ଏକାବେଳେ ରହିତ ହୋଇ ନାହିଁ ଏବଂ ସରକାରଙ୍କର ଦୃଷ୍ଟି ରହିଲେ କମେ ବଢ଼ିବାର ଉତ୍ତମ ଆଶା ଅଛି । ମୂଳକଥା ଏହିକି ଏକପକ୍ଷରେ ଲୋକଙ୍କ ସ୍ୱଇଚ୍ଛାବ୍ୟୟ ଘୋର ସରକାର ଅଧିକା ଉପରେ କେଉ ତହିଁସକାଶେ ଟିକସଦ୍ୱାରା ଲୋକଙ୍କୁ ଦବନ୍ତ କରିବା ଏବଂ ଅନ୍ୟପକ୍ଷରେ ସ୍ଥାନି ରକ୍ଷା ଓ ସୌନ୍ଦର୍ଯ୍ୟ ବିଷୟରେ ଲୋକଙ୍କର ପୂର୍ବାଧିକାର ଉପେକ୍ଷା କରିବା ହେତୁ ବର୍ତ୍ତମାନ ଅମଙ୍ଗଳ-

Digitized by srujanika@gmail.com

Split by PDF Splitter



ଯୋଗିଲା ଉପସ୍ଥିତ ହୋଇଅଛୁ । ଲୋକଙ୍କ ସମ୍ମୁଖରେ ଅଧିକାର ଦଖ ସାଧାରଣ ସଦସ୍ୟମାନ ଯହିଁ ସହିତ ରକ୍ଷାକର ନୂତନ ଢଙ୍ଗରେ ଆଇ ଲଣ୍ଡନ ନଗର ଯେଉଁଭଳି ସେହିଁ କାର୍ଯ୍ୟ କମ୍ପ୍ଲେ ଚଳାଉଅଛନ୍ତି ତହିଁରେ ତାହା କ୍ଷମ ଦ୍ର ନର ଏବଂ ସେ ନଗରମାନଙ୍କର ଅସ୍ଥ ବୃଦ୍ଧିର ଉଚିତ ଉପାୟ କର ତାହାହେଲେ ଉପସ୍ଥିତ ଅଭାବ ରହିବ ନାହିଁ ।

---

ବନ୍ୟା ।

ଗତସପ୍ତାହରେ ଯେଉଁ ଅସାଧାରଣ ବୃଷ୍ଟି ଓ ନଦୀବଢ଼ିର ବିବରଣ ପାଠକମାନଙ୍କୁ ଜଣାଇଥିଲୁ ସେ ସମ୍ବନ୍ଧରେ ଏଥିମଧ୍ୟରେ ମୋଫସଲର ନାନାସ୍ଥାନରୁ ଅନେକ ଅନ୍ତ ଖାଇ ପତ୍ରପ୍ରେରକମାନଙ୍କୁ ଅସଂଖ୍ୟ ଧନ୍ୟବାଦ ଦେଉଅଛୁ । ସ୍ଥାନାଭାବରୁ ସେସବୁ ପତ୍ର ପ୍ରକାଶ କରିବାକୁ ଅକ୍ଷମ ହେବାରୁ କ୍ଷମା ପ୍ରାର୍ଥନା କରୁଅଛୁ । ସକଳ ପତ୍ରରେ ଜଳବଢ଼ିର ପ୍ରବଳତା ଏବଂ ଲୋକଙ୍କର କଷ୍ଟ ଏକପ୍ରକାର ବର୍ଣ୍ଣିତ ହୋଇଅଛି । ସଂକ୍ଷେପରେ ପାଠକମାନେ ବୁଝିବେ ଯେ ସରକାରୀ ନାଲବନ୍ଧଦ୍ୱାରା ରକ୍ଷିତ ଭୂମିଖଣ୍ଡ ଏବଂ ଅନ୍ୟାନ୍ୟ ଠାବେ ଉଚ୍ଚଭୂମି ଛଡ଼ା ଏ ଜିଲ୍ଲାର ଅଧିକାଂଶ ସ୍ଥାନରେ ବଢ଼ିପାଣି ନଦୀ ଉଚ୍ଛୁଳିବା ଅଥବା ବନ୍ଧ ଭାଙ୍ଗିବାଦ୍ୱାରା ଧାଉଁଥିଲା ବୁଡ଼ାଇଦେଇ ଶାନ୍ତ ନ ହୋଇ ଲୋକଙ୍କର ଘରଦ୍ୱାର ବିଷାଳ ବା ଭାଙ୍ଗି ନେଇ ଯାଇଅଛି । ଲୋକମାନେ ତାଳବୃକ୍ଷ ବା ଅନ୍ୟାନ୍ୟ ଉଚ୍ଚସ୍ଥାନରେ କେବଳ ଗୋରୁଗାଈ ଘେନି ପ୍ରାଣରକ୍ଷା କରିଅଛନ୍ତି । ଅନେକ ସାଇ ନଷ୍ଟ ହୋଇ ଭାସିଯାଇଅଛନ୍ତି ଏବଂ ଘର ପଡ଼ିବା କିମ୍ବା ଭସିଯିବା ଦ୍ୱାରା କେତେ ମନୁଷ୍ୟ ମରି ପଡ଼ିବାର ମଧ୍ୟ ଜନରବ ଶୁଣା ଯାଏ ମାତ୍ର ତାହା ବିଷୟ ନ ହେଲେ ମଧ୍ୟ ନିଶ୍ଚୟ ଜଣା ଯାଇ ନାହିଁ । ଅବଶ୍ୟ ବନ୍ୟାର ପ୍ରକୃତ ଉନ୍ନମାନରେ ଅଧିକ ମାଟି ଉଠିବ କାଳରେ ସ୍ପଷ୍ଟ ଜଣା ନୁହେଁ । ମାଲସାସାର ଜେନାଲର ଦକ୍ଷିଣାଂଶଠାରୁ ଜାଲଦଣ୍ଡା ଜେନାଲର ଉତ୍ତରାଂଶ ପର୍ଯ୍ୟନ୍ତ ଗୋଟିଏ ବୃହତ ଜଳାଶୟ ହୋଇ ଥିଲା ଏହା କି ସାମାନ୍ୟ ବିପଦ । ଆଶା ଥିଲା ଉପ ଖାଦ୍ୟ ବଢ଼ି ଖଣ୍ଡି ଗଲେ ବନ୍ୟାପୀଡ଼ିତ ଲୋକେ ସରକାର ଫେର ଯାଇ କୌଣସି ମତରେ ରକ୍ଷା ଉପାୟ କରିବେ ଏବଂ ମଧ୍ୟରେ ବଢ଼ିଗଲା ଜଳ ଗଡ଼ିବାରୁ ତାହା ହୋଇଥିଲା ପୁଣି ତନକାଳୀନ ତା ୨ ଓ ୬ ରଖରେ ବଡ଼ ଭାରି ଅବିଶ୍ରାନ୍ତ ବୃଷ୍ଟି ହୋଇ ଗଲା ସୋମବାରଠାରୁ ନଦୀ ବଢ଼ି ଜାଠଯୋଗରେ ମଙ୍ଗଳବାର ଦୁଇ ୨୪ ଟା ପର୍ଯ୍ୟନ୍ତ ଉଠି ମାଟନ ରହି ଗଲା ତାଲି ପର୍ଯ୍ୟନ୍ତ ସ୍ଥିର ଓ ହାଉ ଶୀଘ୍ର ଉଠୁଥିଲା । ବ୍ରାହ୍ମଣୀର ବଢ଼ି ମଧ୍ୟ ଏ ସପ୍ତାହରେ ପୁଣି ପ୍ରବଳ ହୋଇଅଛି । ଫଳତଃ ବର୍ଷମଧ୍ୟରେ ତିନିଥର ବୃଷ୍ଟି ଓ ବଢ଼ି ହୋଇ କ୍ରମାଗତ ଘର ସମସ୍ତ ଧାନ ଓ ବଳମାନ ବୁଡ଼ାଇ ରଖିବାରୁ ପ୍ରଥମ ଅଞ୍ଚଳର ଲୋକମାନଙ୍କର କଷ୍ଟ ହୋଇଅଛି ତାହା ସହଜରେ ବୁଝି ଯାଉଅଛି । ଜଣେ ପତ୍ରପ୍ରେରକ ଲେଖିଅଛନ୍ତି ଯେ ପ୍ରାୟ ବଣ୍ଟକଜ୍ଞାର, ପଲ ଭାଙ୍ଗି ଯାଇଅଛି ଏବଂ ରହିଁ ସ୍ଥ ବିପନ୍ନ ମନୁଷ୍ୟ ଓ ଗୋରୁ ପ୍ରାୟ ବଢ଼ିପାଣି ଜଳ ବାନ୍ଧରେ ରହି କଷ୍ଟ ଭୋଗ କରୁଅଛନ୍ତି ବ ଖାଇ ବଞ୍ଚୁଅଛନ୍ତି ତାହା କହିବାକୁ ହେବନାହିଁ । ଏହି ଦୁଃଖ ସମୟରେ ବନ୍ୟା ପୀଡ଼ିତ ଲୋକଙ୍କୁ ସରକାର ସାହାଯ୍ୟ ଦାନର ଆବଶ୍ୟକ । ଏଥିରୁ ଏପର୍ଯ୍ୟନ୍ତ ସମ୍ବାଦ ପାଉଅଛୁ ଯେ କେନ୍ଦ୍ରାପଡ଼ାର ଡେପୁଟି କଲେକ୍ଟର ହର୍ ମାଜିଷ୍ଟରଙ୍କ ସଙ୍ଗେ ଯେଉଁ କେତେକ ସ୍ଥାନ ଭ୍ରମଣ କରି ଲୋକେ ଅନାହାର ଥିବାର ଦେଖି ସାହାଯ୍ୟ ଦାନର ବ୍ୟବସ୍ଥା କରିବାକୁ ବର୍ତ୍ତମାନର ମହାରାଜାଙ୍କ ପକ୍ଷରୁ ମୋହରର ଓ ତହସିଲଦାରମାନେ ନୌକାରେ ଚାଉଳ ଡାଲି ଲୁଣ ତେଲ ଇତ୍ୟାଦି ନେଇ ଗ୍ରାମେ ଗ୍ରାମେ ଗରିବମାନଙ୍କୁ ବଣ୍ଟନ ଏବଂ ଥିଲା ଲୋକଙ୍କୁ ଭିକ୍ଷା କରିବାଦ୍ୱାରା ଅନେକଙ୍କର ପ୍ରାଣ ରକ୍ଷା କରିଅଛନ୍ତି ଏବଂ ଏ ବିଷୟରେ କୁଜଙ୍ଗର ଅନ୍ୟାନ୍ୟ ତହସିଲଦାର ମଧ୍ୟରେ ବାବୁ ନେଶାକର ଦାସ ବିଶେଷ କାର୍ଯ୍ୟ କୁଶଳତା ଦେଖାଇ ଅଛନ୍ତି । ଉଦଦୋଳ ଏକାକାର ପୁଲିଶ କର୍ମଚାରୀ ଓ କାନୁନଗୋଇ ତଥାରେ ବୁଡ଼ା ବୁଡ଼ି ନେଇ କେତେକ ଲୋକଙ୍କର ସାହାଯ୍ୟ କରିଅଛନ୍ତି । ଉକ୍ତ ଦରଖାସ୍ତର ଯେ ସବୁ କମିଶନ ଖୋଲ ଯାଇଅଛି ସେଠା ଲୋକଙ୍କ ଦୁଃଖର ବିଷୟ ଆପଣାର ସୁଯୋଗ୍ୟ ମାନେଜରଙ୍କ ରିପୋର୍ଟରୁ ଅବଗତ ହୋଇ ସ୍ୱାମୀ ନଦାଜ୍ୟ ଶ୍ରୀ ରାଜା ବୈକୁଣ୍ଠନାଥ ପଣ୍ଡିତ ଙ୍କ ରୁପ୍ଲଲ ସ୍ଥାନିକ ରକ୍ଷିବା ଏବଂ ଧାନ ଦେଇ ଦେବାର ଆଦେଶ ପଠାଇ ଅଛନ୍ତି ସେ ପ୍ରଜାମାନେ ରଖିପାରିଲା ଧାନ ରହିବା ଏବଂ ଘର ମରାମତି କରି ପାରିବେ । ଏହା ଉତ୍ତମ ଦୃଷ୍ଟାନ୍ତ ମାତ୍ର ଏଥିସଙ୍ଗେ ତାଙ୍କ ଚାଷୀମାନଙ୍କୁ ଖାଦ୍ୟ ଯୋଗାଇବାର ଆଦେଶ ଦେଲେ ଅତିଉତ୍ତମ ହୁଅନ୍ତା । କଲେକ୍ଟର ସାହେବ ଯାହା ସାହାଯ୍ୟ କରିଅଛନ୍ତି ଗତସପ୍ତାହରେ ଲେଖିଥିଲୁ । ମାତ୍ର ଗୁରୁଅଢ଼େ କଷ୍ଟ ଯୋଗିଯାଇଥିବା ସ୍ଥଳେ ଜିଲ୍ଲାର କଲେକ୍ଟର ସାହେବ କିମ୍ବା ତାହାଙ୍କର ଡେପୁଟି ଏ ପର୍ଯ୍ୟନ୍ତ ମୋଫସଲକୁ ଯାଇ ଦୁଃଖ ମୋଚନର ଅନ୍ୟ ଉପାୟ ନ କରିବା ବଡ଼ ଅଦ୍ଭୁତ ବିଷୟ ଅଟେ ।

ବାଲେଶ୍ୱର ଜିଲ୍ଲା ମଧ୍ୟରେ ମଧ୍ୟ ଏହି ଦଶା ଘଟିଅଛି । ଭଦ୍ରକର ସମ୍ବାଦଦାତା ଲେଖିଅଛନ୍ତି କି ଭେଡ଼ା ଓ ଅନ୍ୟାନ୍ୟ ଗ୍ରାମ ବନ୍ୟାରେ ଧୋଇ ଯିବାରୁ ଧନୀ ଓ ଦରିଦ୍ର ସମ ଦଶା ପ୍ରାପ୍ତ ହୋଇଅଛନ୍ତି । ଗ୍ରାମ ମଧ୍ୟରେ ୪।୫ ଫୁଟ ଜଳ ଛୁଡ଼ା ହୋଇଥିଲା । ହୋଷ୍ଟକେନାଲ ଏବଂ ଅନ୍ୟାନ୍ୟ ସରକାରୀ ବନ୍ଧ ଏହି ଜଳ ବୃଦ୍ଧିର କାରଣ ଅଟେ । ଶୀଘ୍ର ସାହାଯ୍ୟର ପ୍ରୟୋଜନ, କର୍ତ୍ତୃପକ୍ଷମାନେ ଏହିର ବ୍ୟବସ୍ଥା କରନ୍ତୁ ।

ପୁରୀର ଅବସ୍ଥା କଟକର ଦୁର୍ଦ୍ଦଶା ଠାରୁ କୌଣସିମତେ ଊଣା ନୁହେ ମାତ୍ର ସେଠାରେ ଅନେକ ବନ୍ଧ ଭାଙ୍ଗି ଯାଇଅଛି । ଶୁଣି ଆନନ୍ଦିତ ହେଲୁ ଯେ ସେଠା କଲେକ୍ଟର ମୋଫସଲ ବୁଲି ସାହାଯ୍ୟ ଦାନରେ ବିଶେଷ ତତ୍ପରତା ଦେଖାଇ ଅଛନ୍ତି ।

ବର୍ତ୍ତମାନ ଅବଗତ ହେଲୁ ଯେ ରାଜକୋଳିଙ୍କ ଦାନରୋଳ ସେ ଅଞ୍ଚଳର ଲୋକଙ୍କ ଦୁଃଖ ଜଣାଇବାରୁ ଆମମାନଙ୍କ କଲେକ୍ଟର ସାହେବ ୫୦୦ ଟଙ୍କାର ଚାଉଳ ଇତ୍ୟାଦି ସାହାଯ୍ୟ ପଠାଇବାର ଆଦେଶ ଦେଇଅଛନ୍ତି । ଏହା କାନଗୋଇର କର୍ତ୍ତବ୍ୟ ପରାୟଣତା ପ୍ରଶଂସନୀୟ ଅଟେ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା ଗେଜେଟ ।

ମି ଉକରର ବାମାର ଗାନ୍ତାରର ଦେବାରୁ ମି ଉଡ, ଏ, ଇଂରେଜ ଓଡ଼ିଶା ଡଭିଜନ ସୁପରିଣ୍ଟେଣ୍ଡେଣ୍ଟ ଇଞ୍ଜିନିୟର ପଦରେ ନିଯୁକ୍ତ ହେବେ ।

ପୁରୀର ଲୋ ଅଣ୍ଟ ଓ ଲେ ନରେନ୍ଦ୍ର ବାବୁ ନଗେନ୍ଦ୍ରନାଥ ଘୋଷ ବେଙ୍ଗଲ ନାଗପୁର ରେଲଓ୍ୱେ କଟକ ମେଦିନୀପୁର ବଙ୍ଗଳା ଅଂଶର ଭୂମି ସଂଗ୍ରହ କାର୍ଯ୍ୟରେ ନିଯୁକ୍ତ ହେବେ ।

---

Digitized by srujanika@gmail.com

ଖାଦ୍ୟ ଦ୍ରବ୍ୟାଦିର ଅଭାବ ଓ ଅନେକ ଲୋକଙ୍କ ମୃତ୍ୟୁ ହୋଇଅଛି ।

ଶିକାରପୁରରେ ଲୁଣ୍ଠନ କଳହ ଆରମ୍ଭ ହୋଇଅଛି ।

ଏ ଦେଶରେ ସ୍ୱାସ୍ଥ୍ୟ ଅଶ୍ରୁଦ୍ଧାକ ଜଳଅଛି ।

ଗୁଜରାଟଠାରୁ ବମ୍ବେ ପର୍ଯ୍ୟନ୍ତ ରେଲୱାଇ ଲାଇନ ଉପରେ ଅନେକ ସ୍ଥାନରେ ଭଙ୍ଗି ଯିବା ଏବଂ ଟେଲିଗ୍ରାଫ ତାର ଛିଣ୍ଡି ଯିବାରୁ ଏ ବାର୍ତ୍ତା ପାଇବାରେ ବିଳମ୍ବ ହେବ । ପୁରୀ ଶାଖା ରେଲୱାଏ ମଧ୍ୟ ଅନେକ ସ୍ଥାନରେ ଭଙ୍ଗି ଯାଇଅଛି ।

ଜଗନ୍ନାଥ ମନ୍ଦିର ଅନ୍ତର୍ଗତ ଅରଖଣ୍ଡ ଗ୍ରାମରେ ରଥ ଯାତ୍ରା ସମୟରେ ବୃନ୍ଦାବନ ଦେବ ରଥ ଟାଣୁ ଥାଉଁ ସେମାନଙ୍କ ଉପରେ ରଥ ଗଡ଼ି ଯିବାରୁ ସେମାନଙ୍କର ମୃତ୍ୟୁ ହୋଇଅଛି ଓ ଅନ୍ୟ ଦୁଇଜଣ ଲୋକ ଆହତ ହୋଇ ଅଛନ୍ତି ।

ସୋମନାଥ ଦେଶଥି ରାଜବୈଦ୍ୟ ବେଣୁଗଲ ଗଡ଼ ମଙ୍ଗଳବାର ଏ ନଗରରେ ପହଞ୍ଚ ରାଜଦର୍ଶନ କରୁଅଛନ୍ତି ।

କ୍ରିଟରେ ଏଯାଏ ବିଦ୍ରୋହୀଙ୍କ ଶାନ୍ତିତ ହୋଇ ନାହିଁ । ଅଟକଣ୍ଟାଠାରେ ତୁରକୀ ସେନାଙ୍କ ସହିତ ବିଦ୍ରୋହୀଙ୍କର ଗତ ମାସ ତା ୧୫ ଦିନରେ ଯୁଦ୍ଧ ହୋଇଥିଲା । ବିଦ୍ରୋହୀ ମାନେ ପ୍ରଚଣ୍ଡ ବେଗରେ ଲଢ଼ୁ ଥିଲେ । ତହିଁ ଉତ୍ତାରୁ ମୁସଲମାନମାନେ ଅନେକ ଗ୍ରୀକ ଖ୍ରୀଷ୍ଟିୟାନଙ୍କ ବଧ କରିବାରୁ ଦୈବେଶିକ ଶୁଦ୍ଧ ଜାହାଜର ସାହାଯ୍ୟ ଲୋଡ଼ା ହୋଇଅଛି ।

କଲିକତା ମହାନଗର ବାବୁ ଗୋପାଳଦତ୍ତ ବୋଷ କରେଣ୍ଡ ଗୁଜରାଟକୁ ଚଳଣାନ୍ତ କରିଥିଲେ । ଉକ୍ତ ସ୍ଥାନରେ ସ୍ୱନାମଜ ବାବୁ ଗୁଳିବାକୁ ଯାଉଥିବା ସମୟରେ ତାଙ୍କରେ ଉକ୍ତ ଗୁଜରା ଟାଙ୍ଗା ଅଗରେ ପଡ଼ିଥିବ ସ୍ଥାନରେ ବାବୁ ତାକୁ ଚଳଣାନ୍ତ କଲେ ହୋଇ ପଡ଼ିଲା । ବାବୁ ତାକୁ ବାଟରେ ଗୁଳିଫିଙ୍ଗି ମାରିବା କହିଲେ ମାତ୍ର ଗୁଜର ନ ମାନି ଉକ୍ତ ସ୍ଥାନରେ ଗୁଳି ୨ ପହଞ୍ଚବାରୁ ସବଜଜ ବାବୁ ତାହାର କୋଳରେ ଏକ ଛୁରି ପ୍ରହାର କଲେ । ବ୍ରିଟିଶ ଜାଲିମ କରିବାରୁ ମେଜେଷ୍ଟ୍ରେଟ ସାହେବ ପ୍ରମାଣରେ ସବଜଜ ବାବୁଙ୍କ ଉପରେ ୫ ୨୦ ଟା ଜରିମାନା କଲେ । ବର୍ତ୍ତମାନ ଉକ୍ତ ଜରିମାନା ବାବଦରେ ବାବୁ ଉମେଶଚନ୍ଦ୍ର ବାନାର୍ଜୀ କାଉନ୍ସିଲ ହାଇକୋର୍ଟରେ ମୋକଦ୍ଦମା ଦାଏର କରିବାରୁ ହାଇକୋର୍ଟ ଜଜ ଅଭାବରେ ବଲଫିସ୍ଥ ରଖିବ କରି ଅଛନ୍ତି ସେ ସବଜଜ ଅଦାଲତେ ଅନୁସନ୍ଧାନ ଯେତେବେଳେ କାର ପର ତହିଁ ହସ୍ତ ଅଧିକ କର ନ ଥିବାରୁ ସ ସ୍ଥାନେ ଉକ୍ତ ସବୁ ଦାବ ନ ହେବ ତହିଁର ବାରଣ ଦେଖାଇବେ । ଏହି ଘଟଣା ସାହେବ ପୁଣେ ଭାଇସ୍ରୟଠାରେ ଥାଇଁ ଅଧିକ କାରି ଅଛି ଯାଉଅଛନ୍ତି ।

ଅଫିଶ୍ୟାଲ ଗୁଜରାଟ ଉତ୍ତରେ ଲୋକମାନେ ଉଡ଼ି ଥିବାର ସମ୍ବାଦ ମିଳଇ । ଅହମଦାବାଦରେ ୬ ୫୪୦ ଶ ଅଗ୍ନିଭୟ ଓ ୬ ୭୦ ଶ ମୁସଲମାନ ମରି ପଡ଼ିଅଛନ୍ତି ।

ଅସ୍ପୃଶ୍ୟ ପୌଦାରଣା ଶବାଗାରରେ ୬ ୬୨ ଶ ହଇଜି ଅଛନ୍ତି । ସେଠାର ମାଜିଷ୍ଟ୍ରେଟ ସାହେବ ସେମାନଙ୍କର ଏକ ତାଲିକା ପ୍ରସ୍ତୁତ କରିବାରେ ଲାଗିଲା ହେଉ ଯେ ଯୁଦ୍ଧନ ମାନେ ଦେଶକୁ ସେଠାକୁ ଯାଇ ନ ପାରନ୍ତି ସେଥିର ବନ୍ଦୋବସ୍ତ ଭାବ କରୁଅଛନ୍ତି ।

ଟ୍ରିନିଡ଼ାଡ଼ ଅପହରଣଙ୍କ ଜାହାଜ କଟକ ବନ୍ଦରରେ ଦେଶମାର୍ଗର ହିସାବ ସ୍ତୁତ ସର୍ଭିସର ଗତ ମାସ ତା ୨୨ ଦିନରେ ମୂଲ ବନ୍ଦୀ ସହିତ ହୋଇ ଯାଉଥିବାର ସମ୍ବାଦ ମିଳଇ ।

ଜାପାନୀମାନେ ଦକ୍ଷିଣ ଫରମୋଶା ଦ୍ୱୀପରେ ସମ୍ମୁଖରେ ଅଗ୍ନିଚୂର ଲଗାଇ ଥିବାର ସମ୍ବାଦ ମିଳଇ । ପ୍ରାୟ ୫୦ ଟି ଗ୍ରାମ ସେମାନେ ପୋଡ଼ି ଦେଇଅଛନ୍ତି ଏବଂ ସହସ୍ର ସହସ୍ର ଲୋକଙ୍କୁ ମାରି ପକାଇ ଅଛନ୍ତି । ଉକ୍ତ ଦ୍ୱୀପର ଲୋକେ ଜାପାନଙ୍କ ଉପରେ ଅତି ଚଟିଅଛନ୍ତି ।

ଚୀନ ଏବଂ ଜାପାନ ମଧ୍ୟରେ ବାଣିଜ୍ୟ ସମ୍ବନ୍ଧୀୟ ସନ୍ଧି ହୋଇ ଯାଇଥିବାର ସମ୍ବାଦ ମିଳଇ । ଚୀନ ଜାପାନକୁ ମିତ୍ର ଜାତୀୟ ସମସ୍ତ ଅଧିକାର ପ୍ରଦାନ କରିଅଛନ୍ତି ମାତ୍ର ଜାପାନ ଚୀନକୁ ସେ ଅଧିକାର ଦେବାକୁ ଚାହିଁ ନାହାନ୍ତି । ଏବଳେ ଅନୁମାନ ନାହିଁ କି ?

ମାଟାବେଲିଲାଣ୍ଡରେ ଇଂରାଜ ସେନା ଏବଂ ଯୁଦ୍ଧରେ ଜୟ ଲାଭ କରିଥିବାର ସମ୍ବାଦ ମିଳଇ । ଶତ୍ରୁ ପକ୍ଷରୁ ୬ ୧୦ ଶ ଏବଂ ଇଂରାଜଙ୍କ ପକ୍ଷରୁ ୬ ୨୫ ଶ ହତ ହୋଇଥିବାର କହୁଅଛନ୍ତି ।

ମୁସଲମାନ ଭୂମିଜଙ୍କ ବଦାରୁ ହେତା ସ୍ୱଜାତିର ଜମାତ ରେ ଯେଉଁ ଅରଜ ପାର୍ଲିମେଣ୍ଟର କମାଣ୍ଡର ଗୃହରେ ଉପସ୍ଥିତ ହୋଇଥିଲା ତାହା ଲର୍ଡ ମାଇକେଲ କର୍ତ୍ତୃକ ଗ୍ରାହ୍ୟ ହୋଇ ଥିବାର ସମ୍ବାଦ ମିଳଇ ।

ଗତ ଜୁନମାସ ତା ୧୫ ଦିନରେ ଭୂମିକମ୍ପ ଯୋଗେ ଯେଉଁ ଜାପାନ ମାତ୍ର ଅଭିଘାତ ଘଟିଛି ୬ ୨୨୦୦୦ ଶ ଲୋକେ ହତ ଏବଂ ୬ ୨୫୦୦୦ ଏ ଲୋକେ ପୀଡ଼ା ପ୍ରାପ୍ତ ହୋଇ ଥିବାର ସମ୍ବାଦ ମିଳଇ । କ ଭୟାବହ ଦୁର୍ଘଟଣା ।

ଚୀନ ପ୍ରଧାନ ମନ୍ତ୍ରୀ ଲି ହଙ୍ଗ ଚଙ୍ଗ ମହୋଦୟ ଗତମାସ ତା ୧୭ ଦିନରେ ପାରିସ୍ ନଗରରେ ପହଞ୍ଚ ଥିବାର ସମ୍ବାଦ ମିଳଇ । ସେଠାରେ ମଧ୍ୟ ପ୍ରଧାନ ମହୋଦୟ ଯଥା ଯୋଗ୍ୟ ସମ୍ମାନ ସହକାରେ ଅଭ୍ୟର୍ଥିତ ହୋଇ ଅଛନ୍ତି ।

ଗତ ମାସ ତା ୧୧ ଦିନ ଅପରାହ୍ଣ ଅଢ଼ାଇ ଘଣ୍ଟା ସମୟରେ ପିଙ୍ଗଳପୁର ଠାରେ ଅର୍ଦ୍ଧ ମିନିଟ କାଳ ବ୍ୟାପି ଭୂମିକମ୍ପ ଅନୁଭୂତ ହୋଇ ଥିବାର ସମ୍ବାଦ ମିଳଇ । ଭୂମି କମ୍ପ ହେବା ପୂର୍ବରେ ଭୂଗର୍ଭର ଶବ୍ଦ ଶୁଣା ଯାଇଥିଲା ।

## ଜଗତସିଂହପୁର ସମ୍ବାଦ ।

ମଧ୍ୟରେ ଜଳାଭାବ ବୃଷ୍ଟି ନ ହୋଇ ଲେକମାନଙ୍କ ଚିନ୍ତାକୁଳ କରୁଥିଲା ମାତ୍ର ନିକଟ ବୃଷ୍ଟି ହେବାରୁ କେତୁକା କାର୍ଯ୍ୟ ଧୂମ ପଡ଼ିଅଛି ।

କୌଣସି ସେଗର ପ୍ରାଦୁର୍ଭାବ ନ ଥିଲେ ମଧ୍ୟ ବାଉଁଶ ଗୋପୀନାଥପୁର ଓ ତହିଁର ନିକଟବର୍ତ୍ତୀ ମୌଜାମାନଙ୍କରେ ବସନ୍ତ ରୋଗ ଉପସ୍ଥିତ ହୋଇ ପ୍ରାୟ ୬ ୧୨୧୪ ଜଣ ଗ୍ରାମ ଛାଡ଼ି ଶଣକ ହୋଇ ଯାଇଛନ୍ତି ।

ସମସ୍ତ ସ୍ଥାନରେ ଉଠାଗିରା ଶେଷ ହୋଇଅଛି । ତହିଁ ମଧ୍ୟରୁ କଳାପାଟଣା ନାମକ ସ୍ଥାନର ଉଠାଗିରା ସବୁ ଉଠାଗିରା ଅଧିକ । ତାହା ପଦାପରି ଶାସନସାଙ୍ଗୀ ଜାତ ଓ ତାମାଷାଦ ସମାପ୍ତ ହେବାର ଦେଖା ହୋଇଅଛି ।

ଏ ଉପଲକ୍ଷ୍ୟ ଅନେକ ସ୍ଥାନରେ ବ୍ୟାଘ୍ରର ଉପଦ୍ରବ ଦେଖିବାକୁ ମିଳୁଅଛି । ଗୋପାଳପୁର ଗ୍ରାମରେ ଏକା ଏକ ଗଜପୂର୍ଣ୍ଣ ଗୋରୁକୁ ଗୋଟିଏ ବାଘ ଆକ୍ରମଣ କରିଥିଲା ଏବଂ ବୃଦ୍ଧ ଗୋରୁକୁ ଧରି ଖାଇ ନେଇ ଯାଉଥିବା ଦେଖି ଅଭିଯାନ ଲୋକେ ଉଠାଇ ଅତି ହୁଳିଆ ଦୂରକୁ ଘଉଡ଼ାଇ

କଲେ ସତ୍ୟ ମାତ୍ର ସେ ଅମଙ୍ଗଳ ଭୟରୁ ପ୍ରାଣ ତ୍ୟାଗ କଲା । ପରେ ଅନ୍ୟ ଏକଜଣ ସ୍ତ୍ରୀ ପେଣ୍ଠ ବାଉଁଶିବା କାଳରେ ତାକୁ ଆକ୍ରମଣ କରିବାରୁ କେବଳ ଗଛର ଅବାର ସାମାନ୍ୟ ଘାଉ ପଲାଇ ପ୍ରାଣରକ୍ଷା କଲା ।

କଳମ୍ବାଅପୁର ମୌଜାରେ ଏକ ବ୍ରାହ୍ମଣର ଏକ ବର୍ଷ ଏକ ଚଉ ଅଦୌ ନାରିକାଙ୍କର ଓ ଦୂର ସ୍ତୁତ ଅଡ଼କ ଥିବା ବଡ଼ଡ଼ ମସ୍ତକ ଦଣ୍ଡ ଏକ ମୁଣ୍ଡଗ୍ରାନ ଜାତ ହୋଇଥିଲା । ଜାଣେ କେତେ କଥା ଦେଖିବାକୁ ହେବ ।

## ଯାଜପୁର ସମ୍ବାଦ ।

ଗତ ସପ୍ତାହରେ ବ୍ରାହ୍ମଣୀ ବୈତରଣୀ ଓ ଖରସ୍ରୋତା ଆଦି ନଦୀମାନଙ୍କ ପ୍ରବଳ ବେଗରେ ବୃଦ୍ଧି ହୋଇ ଧର୍ମଶାଳାଠାରୁ ଯାଜପୁର ଓ ଜାଇପୁର ହାଇଡ଼ାଠାରୁ ଯାଜପୁର ପର୍ଯ୍ୟନ୍ତ ସମସ୍ତ ଅଞ୍ଚଳ ଆରମ୍ଭ କରିଥିଲା । ବ୍ରାହ୍ମଣୀ କଡ଼ାରଠାରୁ ଧର୍ମଶାଳା ପର୍ଯ୍ୟନ୍ତ ଜଗନ୍ନାଥ ସଡ଼କ ଉପରେ ପ୍ର ୬୮ ଟି ଜଳ ପ୍ରବଳ ବେଗରେ ଗଡ଼ିବାରୁ ଅନେକ ଭାଙ୍ଗ ଭଲ ଦିଏ । ଚନ୍ଦିକୋଳଠାରୁ ଗଣ୍ଡର ଜଳ ସଡ଼କ ଉପରେ ମଙ୍ଗଳବାରଠାରୁ ବନ୍ଧ ପ୍ରାକାର ଆରମ୍ଭ କରିଅଛି । ଏବଂ ପ୍ରାତ ଧାନଗଛ ସବୁ ଜଳମଗ୍ନ ହୋଇ ରହିଅଛି ଓ ଆଉ ୨ ଯୋଡ଼ ପଣ୍ଡ ଥିଲେ ମୂଳ ପର୍ଯ୍ୟନ୍ତ ନଷ୍ଟ ହୋଇ ଯାଇଅଛି ।

ଯାଜପୁର ତାଳଗଡ଼ର ପିଶନ ଗୋବିନ୍ଦ ସାହେବ ମଣ୍ଡିଅର୍ଡ଼ର ୫ଟଙ୍କା ଅପହାର କରି ପଳାଇଥିଲା । ବର୍ତ୍ତମାନ ସେ ପୁଲିସ ହସ୍ତରେ ଗ୍ରେପ୍ତାର ହୋଇ ଅସି ବିଚାରରେ ୧ ମାସ ସଶ୍ରମ ସହ କାରାବାସ ଓ ୫ ୩୦ ଟା ଅର୍ଥଦଣ୍ଡର ଆଦେଶ ପାଇଅଛି ।

ଗରସ୍ୱୀ ହାଟରେ ଚାଉଳ ବିକିବା ଦ୍ୱାରା ଅନ୍ନ ଏବଂ ପୁରୁଷ ସାଥ ଯାଉଥିବା ସମୟରେ ଧରି ନେଇ ଯାଇଅଛି ଉକ୍ତ ଦ୍ୱୀପର ଲୋକେ ଅତି ନାହିଁ ସକଳଙ୍କଠାରୁ ବାଣୀଜ୍ୟ ପୂର୍ବ ପର୍ଯ୍ୟନ୍ତ ଲୋକେ କଥାକୁ ଯାଇ ପାରୁ ନାହାନ୍ତି ।

## ପତ୍ରପ୍ରେରକଙ୍କ ପ୍ରଶ୍ନ ।

ଶ୍ରୀ—ସ୍ୱାମୀ ଓ ଗୁରୁଜନ୍ମ ଅଭିନବଙ୍କୁ ଅପ-ଣଙ୍କ ପତ୍ର ଉପେକ୍ଷିତ ହେଲା । ବିଶେଷତଃ କେନ୍ଦ୍ରାପଡ଼ା ଲକ୍ଷର ପୁଲ ଉପରେ ସାଧାରଣଙ୍କର ଗମନାଗମନ ନିଷେଧ ହୋଇଅଛି ଏହା ସକଳ ବିଷୟ ହେଉ ନାହିଁ । ତାହା ହୋଇ-ଥିଲେ ସେ ସ୍ଥାନରେ ଥିବା ତାଲିକମାତ୍ରର ସାହେବଙ୍କଠାରେ ଅଗ୍ରେ ଆବେଦନ କରିବା ଉଚିତ ।

ଯଥାର୍ଥ-ବାଦୀ—ଆଉ ପ୍ରତିବାଦ ପ୍ରକାଶ କରିବାକୁ ଆମ୍ଭମାନଙ୍କର ପ୍ରବୃତ୍ତି ହେଉ ନାହିଁ ଏବଂ ଏହିରେ ଭଲ ଫଳ ନାହିଁ ଯାହାଙ୍କ ବିରୁଦ୍ଧରେ ଲେଖିଅଛନ୍ତି ତାହାଙ୍କ ନିକଟକୁ ପଠାଇଦେଲେ ଯଥେଷ୍ଟ ହେବ ।

ଶ୍ରୀ ଶ—ଓଡ଼ିଆ ଓ ନବଦ୍ୱୀପବାଦରେ ଶ୍ରୀ ବାମଦେବ ମିଶ୍ରଙ୍କ ରଚିତ ଅପୂର୍ବ ବୃନ୍ଦାବନ ବଙ୍କିମ ପ୍ରକାଶିତ ହୋଇଥିଲା ତହିଁର ବସ୍ତୁର ଦ୍ରବ୍ୟା

Split by PDF Splitter
Digitized by srujanika@gmail.com

ହୋଇଥାଉନ୍ତି । ଆଶା କରୁଁ କଟକ କେଲକ୍ଟରଙ୍କ ଉତ୍ସାହ ନିମନ୍ତେ ଏତଦ ଲେଖିବା ଯଥେଷ୍ଟ ହେବ । ସେ ଭଗବାନଙ୍କ ସାର୍ବଜନୀନ ନିମନ୍ତେ ସ୍ଥାନାନ୍ତର ।

---

ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେ-ମାନେ ଦାୟୀ ନୋହୁଁ ।

---

ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ

ମହାଶୟ !

କାଞ୍ଜିହାଉସ-ଆଇନ ଅଦ୍ୟକାଳି ମଫସଲରେ ଭୀଷଣରୂପ ଧାରଣ କରିଅଛି । ଏଣିକି ଗୋ-ମେଷାଦି ପଶୁମାନେ ଆଉ ଲୋକାଳୟରେ ରହି ପାରିବେ ନାହିଁ ପରି । କେବଳ କୃଷିଲିପ୍ସୁ ପ୍ରଜା ଓ ଅର୍ଥଲିପ୍ସୁ ଜମିଦାରଙ୍କ ପ୍ରସାଦରେ ଗୋଚର ଭୂମିର ଅଧିକାଂଶ କୃଷିକ୍ଷେତ୍ରରେ ପରିଣତ ହୋଇଅଛି । ଅବଶିଷ୍ଟ ଗୋଚର ଭୂମି ଓ ଗୋ ପଥମାନ ମଧ୍ୟ ନିରାପଦ ନୁହେ । ଏଠାରେ ଏକଦଳ କାଉଁସୁ ଲୋକ ପଡିଆ ଭୂମି ଓ ଗୋପଥମାନଙ୍କରୁ ଗୋରୁ ଜବରଦସ୍ତି ଧରି ନେଇ କାଞ୍ଜିହାଉସରେ ଦେଉଅଛନ୍ତି । ଗରିବ ଗୋସ୍ୱାମୀ ତାହାର ଅବଶ୍ୟ ଗାଳି ବର୍ଷଣ ବ୍ୟତୀତ ଅନ୍ୟାନ୍ୟ ପ୍ରତ୍ୟୋଗରେ ଅସମର୍ଥ । ଉପଯୋଗମାନେ ଅର୍ଥାଗ୍ରହୀ ହୋଇ ଅଧିକାଂଶରୁ ଗୋରୁ ଫେରାଇ ଦେବାର କଥା ଗୋସ୍ୱାମିଙ୍କଠାରୁ ଅର୍ଥଗ୍ରହଣ କରି ସୁଦ୍ଧା ଗୋରୁ ଫେରାଇ ନ ଦେଇ ସେମାନଙ୍କର ଗାବର ଜ-ଭ୍ରମ ପ୍ରଭୃତି ହେଉଅଛନ୍ତି । ଏ ଲୋକମାନଙ୍କ ପାଉଣା ଉପଦ୍ରବର ପ୍ରତିକାର ହୋଇ ସେମାନେ ଅନୁମାନ କରନ୍ତୁ । କର୍ତ୍ତୃପକ୍ଷମାନେ ଏଥିର ପ୍ରତିକାର କରିବେ କି ?

ଅଗଷ୍ଟ ୩ ॥ ୮୯୬ } କସିମ୍‌ଦ କେହ ଶଣ୍ଡିଭୂତା

---

ନୃପେନ୍ଦ୍ର ।

୧

କୁସୁମ-କଳିକା ସେହି ଯୁଝି ଅପ୍ରଜ୍ୱଳ ।
ଅନ୍ଧକାର ଜଡକଳ୍ପ ଆଶା-ଲୁକ୍ଷ୍ୟାକରେ—
ଫୁଟି ଥିଲେ ମୋହ୍ର ଆତ୍ମା ମନ୍ଦ-ସୌରଭରେ
ଭୀତିକ-ମାନସ-ଭଲ୍ଲ—ଅକାଳେ ଝୋଇଲା
ଦୃଷ୍ଟି-ଭୂମି,—ଉତ୍ପାଟିତ ଉଦ୍ଭଟ ଅମୂଳେ
ହୋଇ କେଉଁଣେ ଗଲା କହି ସମସ୍ତ-କଣ୍ଠାରେ;
ଭ୍ରମଇ ମାନସ-ଭ୍ରମ ଭ୍ରମରେ ଲୁଥାରେ
କରିବାକୁ ମଧୁପାନ ତୃଷ୍ଣାରେ ଆକୁଳେ ।

୨

ସ୍ୱର୍ଗର ଦେବତା ସେହି ଅବନୀ-ତଳକୁ
ଆସିଥିଲ—"ପୃଥ୍ୱୀର ସ୍ୱର୍ଗଗଲେଣର
ହେଲେ ମଧ୍ୟ ମୃତ୍ୟୁର୍ଜନିଲ ଅସାର ନଶ୍ୱର, "
କେବାଲୁ ଏ ମହାଶିକ୍ଷା—ଜଗତ ମନକୁ ।
ହେଲେ ଏହି ଶିକ୍ଷା ଦୁଃଖୀ ଗୃହେ ହୋଇ ଜନ୍ମ
ହେବ ନାହିଁ ହୃଦରତ୍ନ ନୃପେନ୍ଦ୍ର ଦୁଃଖ
ଲୋକଙ୍କ ଶୋକ ଧନ-ମାନ-ଇଚ୍ଛା ପୂ
ଭାବ ଅଧିକାରୀ ହୋଇ ଗଲେ ଯାଉ କର୍ମ ।

୩

ସ୍ୱର୍ଗର ଦେବତା ସେହି—ଅଯୋଗ୍ୟ ଧରାର
ଦେଖିଛି ସେ ହାସ୍ୟାନନେ—ପଡ଼ିଲ ମଜରେ
ଥିଲ ଦେବତାର ଯାହା ଅଲ୍ପେ ଜୀବନରେ;
ନ ଥିଲ ସେ ତତ୍ତ୍ୱେ 'ହେତୁ ମିଶ୍ର' ଏ ଜଗତର ।
ବାକ୍ୟାଳାପ ତାଙ୍କ ସଙ୍ଗେ କରିଛନ୍ତି ଯେ ଥରେ,
ଜାଣେ ସେ ଦେବତା କରି ଥିଲେ ଏ ଧରାରେ;
ଘୃଣା-ମଦ-ଅହଂକାର ନ ଥିଲା ସେଠାରେ—
ଥାଏ କସେ ଜଡଲାଭ ଦେବହୃଦୟରେ ?

୪

ସ୍ୱର୍ଗର-କୁସୁମ ସେହି ସ୍ୱର୍ଗରେ ବାସଲ,
ନାହିଁ ସେ କଳନା ଅଛି—ସୌରଭ ଛାଡ଼ିଲ,
ମୋହ୍ନର ହିତଶାଳୟ—ହେବ ଦେମ ତାର
ଉଭୁଛନ୍ତି ପୁଣ୍ୟସ୍ଥିତି ଗାର୍ଜିନ ଶୁଣଇ ।
ଜୀବର ଦଇବ ଲକ୍ଷ୍ମୀ ଗୁଣ ଗୁଣନୃପ ମାତଃ
ଦେଶ ଦେଶ ଜ୍ଞାନ-ନେତ୍ରେ ସ୍ୱର୍ଗସ୍ଥ ଜନଙ୍କ
କୋଟିଏ ନୃପଇନ୍ଦ୍ରବାଟିକ ଯତ ଏ ଧରଣୀ;—
ଯଦ୍ୟପି ଶୋକ ଦେଖି ସ୍ମୃତେ ନୃପ ଶାନ୍ତ ।

୫

ଶୋକ-ମୃଷ-ପୃଷ୍ଟି ଏହି କଣ୍ଟକ ଜଗତେ
ଅଶ୍ରୁର ଦୁଃଖର ଭର ଯା ଦେଖୁଁ ଜସ୍ତୁଲେ
ନୁହଇ ପ୍ରକୃତ ମାୟା—ନ ରୁହି ଜୀବନେ
ବୃଥା ଦୁଃଖ ଶୋକ କରୁଁ—ସର୍ବେ ସେହି ପଥେ
ଗମ୍ଭୁ ଅଛୁଁ ସଙ୍ଗ କାହିଁ ଗଲା କାହିଁ କଛୁ
ତା ଅଷ୍ଟରୁ, ସେ ସମୂହ ଅସ୍ୱେଷଣ କର
ସତଧର୍ମ—ସ୍ୱଜନ ପ୍ରଥା ଅନୁସର
ଜାନ ଛାଡ଼ା କରୁଅଛୁ—ଦୁଃଖ କ ଅଛଇ ?

—ଶ୍ରୀ ଶା—

---

ମହାଶୟ ?

ଢେଙ୍କାନାଳର ମହାରାଜା ସାନବନ୍ଧୁ ମହେନ୍ଦ୍ର ବାହାଦୂରଙ୍କର ଅକାଳ ମୃତ୍ୟୁର ଦୁଃଖ କହି ନ ହେଉଣୁ ଏ ନଗରରେ ଅନ୍ୟ ଏକ ରାଜା ଯୌବନାବସ୍ଥାରେ ମୃତ୍ୟୁମୁଖରେ ପତିତ ହେବାରୁ ନଗରବାସୀମାନେ ଅତ୍ୟନ୍ତ ସନ୍ତପ୍ତ ହୋଇ-ଅଛନ୍ତି । ଢେଙ୍କାନାଳର ମହାରାଜାଙ୍କ ମୃତ୍ୟୁ ଅପେକ୍ଷା କନିକା ରାଜାଙ୍କର ମୃତ୍ୟୁ ଅମ୍ଭମାନଙ୍କୁ ଅଧିକ ଦୁଃଖ ଦେଉଅଛି କାରଣ କନିକାର ରାଜପରିବାର ବହୁକାଳରୁ ଏ ନଗରରେ ବାସ କରୁଅଛନ୍ତି ଏବଂ ନଗରବାସୀମାନଙ୍କ ସହିତ ରାଜବାଟୀର ସମ୍ପର୍କ ଅତି ଘନିଷ୍ଠ । ନୃପେନ୍ଦ୍ରନାଥ ଅଳ୍ପବୟସ୍କ ହେଲେହେଁ ସାମାଜିକ ବ୍ୟବହା-ରରେ ସେ ଅନବରତ ପ୍ରଶଂସା ଲାଭ କରୁ-ଥିଲେ; ତାଙ୍କର ଅମାୟିକ ସ୍ୱଭାବ ଓ ମିଷ୍ଟ ବାକ୍ୟରେ ସମସ୍ତେ ପ୍ରୀତ ହେଉଥିଲେ । ତାଙ୍କର ପ୍ରଶାନ୍ତ ମୂର୍ତ୍ତି ମନରୁ ଯିବ ନାହିଁ । ତାଙ୍କର ଚତୁରତା ଦେଖି ମନେ୨ ଆଶା ହେଉଥିଲା ସେ ନିଜ ରାଜ୍ୟର ସୁଶାସନ କରି ପ୍ରଜାମାନଙ୍କୁ ସୁଖରେ ରଖିବେ ଏବଂ ଏ ନଗରରେ ବାଲ୍ୟ କାଳରୁ ବାସ କରୁଥିବାରୁ କିଛିକାଳ ହେବା ପରେ ସୁଦ୍ଧା ମମତା ପ୍ରଯୁକ୍ତ ଏହିଠାରେ ବାସ କରି ସର୍ବ ସାଧାରଣଙ୍କର ହିତକର କାର୍ଯ୍ୟରେ ଯୋଗ ଦେଇ ଦେଶର ଉନ୍ନତି ସାଧନ କରିବେ । ନୃପେନ୍ଦ୍ର କହୁଥିଲେ ଏ ଆଶା ନିଷ୍ଫଳ ହୋଇ ନ ଥାନ୍ତା କିନ୍ତୁ ବିଧାତା ପ୍ରତି କୂଳ ହେଲା ।

ନୃପେନ୍ଦ୍ର କଲେଜରେ ସହାଧ୍ୟାୟୀମାନଙ୍କ ମଧ୍ୟରେ ଉଚ୍ଚସ୍ଥାନ ଅଧିକାର କରିପାରୁ ନ ଥିଲେ ସୁଦ୍ଧା ଇଂରାଜୀ ଭାଷାରେ କଥୋପକଥନ ଓ ପତ୍ରାଦି ଲେଖି ପାରୁଥିଲେ ଏବଂ ଓଡ଼ିଆ ସାହି-ତ୍ୟ ପ୍ରତି ତାଙ୍କର ଶ୍ରଦ୍ଧା ଜନ୍ମି ଆସୁଥିଲା । ବ୍ୟାୟାମ ଓ କ୍ରୀଡ଼ାରେ ସେ ବିଶେଷ ପଟୁତା ଦେଖାଇ ଥିଲେ । ପ୍ରତ୍ୟହ ସାୟଂକାଳରେ ଏ ନଗରବାସୀ ଅନ୍ୟାନ୍ୟ ଯୁବାମାନେ ରାଜ-ବାଟୀରେ ସମବେତ ହୋଇ ତାଙ୍କ ସହିତ କ୍ରୀଡ଼ା ଓ ଆମୋଦ ପ୍ରମୋଦ କରୁଥିଲେ ।

ଯେଉଁଦିନ ଅମ୍ଭମାନଙ୍କର କମିଶନର ଶ୍ରୀଯୁକ୍ତ କୁକ୍ ସାହେବଙ୍କୁ ବିଦାୟ ଦେବା ନିମନ୍ତେ ରାଜବାଟୀରେ ଗୋଟିଏ ଉତ୍ସବ ହୋଇଥିଲା, ସେଦିନ ନୃପେନ୍ଦ୍ର ଇଂରାଜୀ ଭାଷାରେ ଗୋଟିଏ କ୍ଷୁଦ୍ର ବକ୍ତୃତା କରିଥିଲେ । ସେହି ବକ୍ତୃତାଟି

Digitized by srujanika@gmail.com

Split by PDF Splitter



ତାଙ୍କ ମୃତ୍ୟୁ ଶୁଣି ଆମ୍ଭମାନଙ୍କ ମନରେ ବିଶେଷ ଅଶାନ୍ତି ଜାତ ହୋଇଥିଲା ଏବଂ ଭବିଷ୍ୟତରେ ସେ ଏ ନଗରର ସର୍ବସାଧାରଣ ହିତକର କାର୍ଯ୍ୟର ନେତା ହେବେ ବୋଲି ସେମାନେ ମଧ୍ୟ କେତେକ ଅନୁମାନ ପ୍ରକାଶ କରିଥିଲେ ।

ସାଧୀ ଧର୍ମପ୍ରିୟା ପାଟମହାଦେଈଙ୍କର ଦୁଃଖ ମନୁଷ୍ୟମାନେ ଅନୁମାନ କରି ପାରିବେ । ଈଶ୍ୱର ତାଙ୍କ ପ୍ରତି ଶୋକ ଅବଶ୍ୟ କରି ଅଛନ୍ତି । ଅଦୃଷ୍ଟର ଫଳ ଅପରିହାର୍ଯ୍ୟ । ତାଙ୍କର ବଦାନ୍ୟତା ଓଡ଼ିଶାରେ ପ୍ରସିଦ୍ଧ କରୁ ତାଙ୍କର ଦୁଃଖ ହରଣ କଲେ ଭଗବାନଙ୍କ ଦୁର୍ଗତି କ୍ଷୟ ହୁଏ ବୋଲି କପରି ବିଶ୍ୱାସ କରିବା ?

ବଶମ୍ବଦ

ଜଣେ ନଗରବାସୀ

---

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଗୋକୁଳାନନ୍ଦ ଚୌଧୁରି | କଟକ | ଟ ୩୲ |
| „ ଜଗନ୍ନାଥର ଘୋଷ | „ | ଟ ୬୲ |
| „ ମଧୁସୂଦନ ମହାପାତ୍ର | „ | ଟ ୧୲ |
| „ ଶ୍ରୀ ବୃନ୍ଦାବନ ମହାନ୍ତି | ଭଦ୍ରକ | ଟ ୩୲ |
| „ ଶ୍ରୀକାନ୍ତ ମହାନ୍ତି | ଚୌଦ୍ୱାରବଜାର କଟକ | ଟ ୬୲ |
| ମୁନସି ମହମ୍ମଦ ଅଲି | କଟକ | ଟ ୧୲ |
| ବାବୁ ମାଳଗୋବିନ୍ଦ ମହାନ୍ତି | ଭବାନୀପୁର | ଟ ୩୲ |
| „ ବାଲୋଚନ ପ୍ରାମାଣିକ | କଟକ | ଟ ୦ ୲ |

# ବିଜ୍ଞାପନ ।

## " ପାଠକମାନଙ୍କ ନିକଟରେ ନିବେଦନ । "

ଚୌଧୁରୀ ବଜାର ମିଉନିସିପାଲଟୀ ହାଟ ମଧ୍ୟରେ ବହୁକାଳ ହେଲା ଅମ୍ଭେ ଭାଲ ସ୍ୱଳ୍ପମୂଲ୍ୟରେ କାରବାର କରୁଅଛୁ ମୋଫସଲ ବାସିନ୍ଦାମାନେ ଅମ୍ଭ ନିକଟ ଯେ କୌଣସି ମାଲ ଖରିଦ କରିବା ପ୍ରକାଶ କରିବେ ତାହା ବଜାର ଦରରେ ଅଳ୍ପ ଅଧିକ ନ କରି ଦେବାକୁ ପ୍ରସ୍ତୁତ ଅଛୁ ଅମ୍ଭ ସହିତ ଥରେ କାରବାର କରି ପରୀକ୍ଷା କରିବା କାରଣ ସର୍ବସାଧାରଣଙ୍କୁ ଅନୁରୋଧ କରୁ ।

କଟକ } ଶ୍ରୀ ଅଭୟଚରଣ ଘୋଷ ।
୮|୫|୯୬ }

---

ବିଜ୍ଞାପନ ।

| | |
|---|---|
| ଶ୍ରୀମଦ୍ଭାଗବତ ୭ ସମୁଦ୍ର | ଟ ୦ ।୵ |
| ଚନ୍ଦ୍ରକାନ୍ତ ମହାପାତ୍ର ସ୍ତୁତି | ଟ ୦ ୵୬ |
| ଗଙ୍ଗାଧର ପାଲା | ଟ ୦ ୵ |
| ମଦନମୋହନର ପାଲା | ଟ ୦ ୵ |
| ସଦାନନ୍ଦ ସୌଦାଗର ପାଲା | ଟ ୦ ୵ ୬ |

ଏଠା କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ଛପା ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି ।

---

ବିଜ୍ଞାପନ ।

ନିମ୍ନ ଲିଖିତ ପୁସ୍ତକମାନ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ।

ମାଇନର ଓ ଛାତ୍ରବୃତ୍ତିର ପାଠ୍ୟ, ସର୍ବସାର ବ୍ୟାକରଣ ୰ ପଣ୍ଡିତ ଜଗଦ୍ବନ୍ଧୁ ଭଟ୍ଟାଚାର୍ଯ୍ୟଙ୍କ କୃତ ଶ୍ରୀଯୁକ୍ତ ବାବୁ ମଧୁସୂଦନ ରାଓଙ୍କଦ୍ୱାରା ପରିବର୍ତ୍ତିତ ଓ ପରିବର୍ଦ୍ଧିତ ୨ମ ସଂସ୍କରଣ ମୂଲ୍ୟ ଟ ୫୵

ରେଭେନ୍‌ସା କଲେଜର ବିଜ୍ଞାନ ଅଧ୍ୟାପକ ଶ୍ରୀ ଯୋଗେଶଚନ୍ଦ୍ର ରାୟଙ୍କର, ପ୍ରାକୃତ ଭୂଗୋଳ ମାଇନର ଛାତ୍ରବୃତ୍ତିର ପାଠ୍ୟ ମୂଲ୍ୟ ଟ ୦ ।୵ ଓ ଏହାଙ୍କ କୃତ, ଅପର ପ୍ରାଇମେରି ପାଠଶାଳାର ପ୍ରବେଶ ମୂଲ୍ୟ ଟ ୦ ୵

---

# NAUG & Co.

*( Established in 1882. )*

170 Cornwallis Street, Calcutta. Cloth Merchants, Milliners, Drapers, Silkmercers, Hosiers, Haberdashers, Tailors, ready made clothiers and Mofusil Agents. Deshi and Belati cloth Merchants.

## ନାଗ ଏବଂ କମ୍ପାନୀ

( ସନ ୧୮୮୨ ସାଲରେ ସ୍ଥାପିତ )

୧୭୦ କର୍ଣ୍ଣୱାଲିସ ଷ୍ଟ୍ରିଟ, କଲିକତା

ଦେଶୀ ଏବଂ ବିଲାତି ଲୁଗାର ବେପାରୀ; ପୋଷାକ, ଟୋପି, ମୋଜା ଓ ନାନାପ୍ରକାର କ୍ଷୁଦ୍ରଦ୍ରବ୍ୟ ବିକେତା; ଦରଜି ଓ ପ୍ରସ୍ତୁତ-ପୋଷାକ ବିକେତା ଏବଂ ମୋଫସଲ ଏଜେଣ୍ଟ କାରବାରୀ ।

---

କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ସଂଲଗ୍ନ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି । କେତେକ ଜିନିଷର ମୂଲ୍ୟ ସହିତ ତାଲିକା ଦିଆଗଲା ।

ଲେଖିବାର ଦ୍ରବ୍ୟ ।

| | | |
|---|---|---|
| ଦୁଆ ପେନସିଲ (ରବରଦେବାର) ୧ ଡଜନକୁ ଟ ୧ ୵ | | |
| „ ପାଇ „ ପ୍ରକାର | ଡ ୧ ଡଜ | ଟ ୦ ୩, ୵୬, ୩ |
| „ ପେପର „ „ | ଡ ୧ ଗ୍ରୋସ | ଟ ୧୵, ୩, ।୵ |
| „ ଦୁଧ | ଡ ୧ ଡଜ | ଟ ୦ ୩ |
| „ ଡବ (ଡ୍ରୋଇଂବାରସହିତ) ଗୋଟ ୧ଟାକୁ | | ଟ ୦ ୵ ୨ |
| ପିନ୍ସ ପେନସିଲ | ଡ ୧ ଡଜ | ଟ ୦ ।/୨ |
| „ କଲମ ହୋଲଡର ସରଷା | ଡ ୧ ଗ୍ରୋସ | ଟ ୧ ୵ |
| „ „ „ ରଙ୍ଗଷା | ଡ ୧ ଗ୍ରୋସ | ଟ ୦ ୩ |
| „ „ ମୟୂର | ୧୦୦ କୁ | ଟ ୦ ୵୬ |
| „ ଫୁଲସ୍କେପ କାଗଜ (ଉତ୍ତମ) | ଡ ୧ କୁ | ଟ ୪ ୧ |
| „ „ „ (ମଧ୍ୟମ) | ଡ ୧ | ଟ ୩ |
| „ „ „ [ଖରାପ] | ଡ ୧ | ଟ ୨ |
| „ ଲୁଟର ପେପର ବଡ଼ଟା | ଡ ୧ | ଟ ୧୦ |
| „ „ „ ଛୋଟା | ଡ ୧ କୁ | ଟ ୮୩ |
| „ ନୋଟ [ ଧାରଭଲମାରଗଟ ] ନାନାପ୍ରକାର | ଡ ୧ ଡଜ | ଟ ୦ ୵୫ |
| „ ବ୍ଲାକ କାଳି [ଷ୍ଟିଫେନ] ବଡ଼ ବୋ ୧ | | ଟ ୧୩ |
| „ „ „ ମଧ୍ୟମ ବୋ ୧ | | ଟ ୦ ୵୬ |
| „ „ „ ଛୋଟ ବୋ ୧ | | ଟ ୦ ।୵ |
| ନାଲି „ „ ବଡ଼ ବୋ ୧ | | ଟ ୧୩ |
| „ „ „ ଛୋଟ ବୋ ୧ | | ଟ ୦ ୵୬ |
| କେମ୍ବ୍ରିଜର ବ୍ଲୁ ବ୍ଲାକ କାଳି ବଡ଼ ବୋ ୧ | | ଟ ୦ ୩ |
| „ „ „ ଛୋଟ ବୋ ୧ | | ଟ ୦ । |
| „ ନାଲି ବୋ ୧ | | ଟ ୦ ୩ |
| ବ୍ଲାକ ପାଉଡର | ପ ୧ | ଟ ୧୩ |
| ନାଲି „ | ପ ୧ ଡ | ଟ ୩୩ |
| ବେଶ୍ରୀଲ ଗୁଲମ ଗୋଟାକୁ ଟ ୦ ୵ ଠାରୁ | | ଟ ୦ ୵ |
| ଅଫିସ ଫିତା ( ନାଲି ) | ଡ ୧ ଡଜ ୰ | ଟ ୨।୵ |
| „ ସୂତା | ଡ ୧ ଗ୍ରୋସ | ଟ ୧। |
| „ ଖାତା ( ଲମ୍ବଧୋକର ) ଗୋ ୧ ଟା ୰ | | ଟ ୰ |
| ଅଫିସ ପ୍ୟାଡ ( ଆତର ) ନାନାପ୍ରକାର ଗୋ ୧ ଟା ୰ ୬ ୧୧ ଠାରୁ ଟ ୦ ୵ ପର୍ଯ୍ୟନ୍ତ | | |
| „ ସ୍ଲେଟ ( ବଡ଼ ) | ଖା ୧ ଟ ୰ | ଟ ୨। |
| ପେନସିଲକଟା ଛୁରି ( ଲୁହାର ) ଗୋ ୧ ୰ | | ଟ ୦ ୩ |
| ଖାତାକାଗଜ କେମ୍ବ୍ରି ୧୬ ପା-ଡ୍ରଇଙ୍ଗ | | ଟ ୨।୵ |
| „ „ ୧୪ ପା „ | | ଟ ୨୵ |
| ଧାଡ଼ିଭ କାଗଜ ନାନାପ୍ରକାର ଗୁଡ଼ାକେଟ ଟ ୦ ।୵ ଠାରୁ | | ଟ ୧୩ |
| „ ଲଫାପା ୧୦୦ ୰ ଟ ୦ ।୵ ଠାରୁ ଟ ୧।୵ | | |

ଏପରି ଲଟଲିପୁସ୍ତକେପ, ଡିବା କାଳି ଓଟ ଓ ସାଦା କାଗଜ ନାନା ଓଜନର ବିକ୍ରୟ ହୁଏ ।

କଟକରସ୍ଥିତ ଦର ସମସ୍ତ ଠିକ କରିବା ପାଇଁ ଦର ଅନୁସାରେ କେତେକ ଜିଣା ଅଧିକ ହୁଏ ମାଂ ଏରେ ସାଧାରଣରେ ମୂଲ୍ୟନିରୂପଣରେ ଦେବାକୁ ତୃଟି କରିବୁ ନାହିଁ । ଆଧୁନିକ ଉତ୍କଳସ୍ଥାପନ ଏବଂ ଏହି ଶ୍ରେଣୀର ପୁସ୍ତକ ଏବଂ ମେଳ, ଡଲକା, ଅନ୍ୟାନ୍ୟ ପ୍ରକାର ଅଭିଧାନ ଓ ସ୍କୁଲ ଇତ୍ୟାଦିରେ ସାଦା ଅବଶ୍ୟ ଦେଖ ସେ ସମସ୍ତ ପଠାଇବା ଠିକରେ ତ୍ରୁଟି ନାହିଁ ।

---

## ନୂତନ ଛାପା ହୋଇଅଛି
## ସଚିତ୍ର ସିନ୍ଧିନାଥପେଲା

ବାବୁ କାଳୀପ୍ରସନ୍ନପ୍ରସାଦ ମିତ୍ରଙ୍କଦ୍ୱାରା ରଚିତ ଓ କଟକ ପ୍ରିଣ୍ଟିଂକୋମ୍ପାନୀର ଯନ୍ତ୍ରାଳୟରେ ମୁଦ୍ରିତ

ମୂଲ୍ୟ ଟ ୦ ୵

Digitized by srujanika@gmail.com

Split by PDF Splitter




# ବିଶେଷ ଦ୍ରଷ୍ଟବ୍ୟ
ଓ
## ବିଶେଷ ସୁବିଧା ।

ଦ୍ୱିଜେନ୍ଦ୍ରବାବୁଙ୍କ କୋଷ୍ଠୀପ୍ରଦୀପ୍ରୟଙ୍କ ପୁସ୍ତକ ଛାପାସହିତ ଅତି ସୁନ୍ଦରଭାବରେ ମୁଦ୍ରିତ ହୋଇଅଛି ସାଧାରଣଙ୍କ ସୁବିଧା ନିମନ୍ତେ ଆଗାମୀ ଦୁର୍ଗାପୂଜା ପର୍ଯ୍ୟନ୍ତ ଅର୍ଦ୍ଧମୂଲ୍ୟରେ ଅର୍ଥାତ ଟ ୧୯ ହାରେ ଦିଆଯିବ । ମୋଫସଲ ନିମନ୍ତେ ଡାକମାସୁଲ ଅଧିକା ପଡ଼ିବ ।

କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

ଶ୍ରୀ ଗୌରିଶଙ୍କର ରାୟ
ସେକ୍ରେଟେରୀ

---

# ଥରେ ଦେଖ ।

କଟକର ଉତ୍କଳ ପରୀକ୍ଷାରୁ ସହୋମୁଦ୍ରିତ ହୋଇଥିବା ଗଣିତର ୬ଷ୍ଠ ଖଣ୍ଡ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ଏହାର ମୂଲ୍ୟ ଖଣ୍ଡକୁ ଟ ୵ ମଫସଲପାଇଁ ଡାକମାସୁଲ ସ୍ୱତନ୍ତ୍ର

---

# ବିଜ୍ଞାପନ ।



ଓ୍ୱାଚ ଓ କ୍ଲକ୍ ସମ୍ପର୍କୀୟ କାର୍ଯ୍ୟ ସୁନ୍ଦରରୂପେ ହୋଇ ଶୀଘ୍ର ଖାଲକଙ୍କ କାର୍ଯ୍ୟ ସମ୍ପାଦିବାର ସୁବନ୍ଦୋବସ୍ତ କରାଯାଇଅଛି; ଯାହାଙ୍କର ପ୍ରୟୋଜନ ହେବ ସେ ଓ୍ୱାଚ ଓ କ୍ଲକାଦି ଏଠାକୁ ପଠାଇଦେଲେ ଉତ୍ତର ପାଇବେ ସାଇ ପାରିବେ । ଇତି ।

କଟକ ପ୍ରିଣ୍ଟିଂ କମ୍ପାନି ଅଫିସ ଚଉଧୁରୀବଜାର କଟକ } ଶ୍ରୀ ଗୌରିଶଙ୍କର ରାୟ

---

ସାର୍ବଜନୀନ ପରୀକ୍ଷିତ ।

# ଯାଦୁଗରାୟଙ୍କ ମହୌଷଧ ।

## ( ବହୁଲୋକଙ୍କ କର୍ତ୍ତୃକ ପ୍ରଶଂସିତ । )

**ମୂଲ୍ୟ ପ୍ରତିଡବା ଟ ୦ ।୵ ଛଅ ଅଣାମାତ୍ର ।**

ଏହି ଔଷଧମାତ୍ର ସେବନକାରୀର ବହୁ ରୋଗ ଆରୋଗ୍ୟ ହୁଏ ଅଥଚ ଶାସ୍ତ୍ରାନୁମୋଦିତ ଔଷଧ ଲଗାଇଲେ କୌଣସି ପ୍ରକାର ଜାଲା ଯନ୍ତ୍ରଣା ହୁଏ ନାହିଁ । ଦ୍ରୁତଗାମୀ ଔଷଧ ଲଗାଇଲେ ଅଣ୍ଡାପରି ଉଠିଯାଏ ଜଣାପଡ଼େ । ଆଉ ଯେପରି ଏଡ଼ାପରି ଉତ୍ତମ ଔଷଧ ଅନ୍ୟ ଦେଖାଯାଏ ନାହିଁ । ଏହା କାର୍ଯ୍ୟ ବଜାରରେ ଚଳିଆସୁଅଛି ଅନେକ ଲୋକ ଏଥିକୁ ଅନେକ ପ୍ରକାର ଉଚ୍ଚ ମୁକ୍ତକଣ୍ଠରେ ପ୍ରଶଂସା କରୁଅଛନ୍ତି । ଯେଉଁମାନେ ଏହି ଦୁଇ ଦାଗରେ ଅଛନ୍ତି ସେମାନେ ଅନ୍ତତଃ ଥରେ ପରୀକ୍ଷା କରି ଦେଖନ୍ତୁ, ଉକ୍ତ ଜଗତ୍ପ୍ରସିଦ୍ଧ ଔଷଧ ବ୍ୟବହାର କରି ଆରୋଗ୍ୟ ହୋଇପାରିବେ । ଏ ଔଷଧର ଅନ୍ୟାନ୍ୟ ଅନେକ ଗୁଣ ଅଛି ଏହାଦ୍ୱାରା ଦାଦ, ଖଉଜି, ଚର୍ମରୋଗ ପର୍ଯ୍ୟନ୍ତ ଆରୋଗ୍ୟ ହେଉଅଛି ।

ଔଷଧ ଗ୍ରହଣାର୍ଥୀମାନେ ଆପଣା ନାମ, ଧାମ, ଡାକଘର ପତ୍ର ଦ୍ୱାରା ଜଣାଇ ହେଉଣ୍ଡି ଡବା ଅବଶ୍ୟ ଚିଠିରେ ଲେଖିଲେ ଶୀଘ୍ର ଔଷଧ ପ୍ରେରିତ ହେବ ।

ଶ୍ରୀ ଉମାଚରଣ ଦେବ ।
ପୋଃ ଉତ୍ତର ପୋଃ ବାଲେଶ୍ୱର

---

# ସୁବାସିତଦ୍ରବ୍ୟ ବିକ୍ରୟ ।।

ନିମ୍ନଲିଖିତ ସୁବାସିତ ତେଲ ପ୍ରଭୃତି କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକଦୋକାନରେ ବିକ୍ରୟ ହେଉଅଛି ମୋଫସଲର ଗ୍ରାହକମାନେ ଡାକଦ୍ୱାରା ଟଙ୍କା ପଠାଇବେ । ଭି, ପି ଏଦ୍ରବ୍ୟମାନ ପଠାଯିବ ନାହିଁ । ପ୍ୟାକିଂ ନିମନ୍ତେ ଟ ୦ ୵ ଅଧିକ ପଠାଇବାକୁ ହେବ ।

| | | |
|---|---|---|
| ସୁବାସିତ କୁନ୍ତଳୀନ ,, | ଶିଶି ୪ | ଟ ୧ |
| ଖସ୍ଗନ୍ଧ ,, | ୧ ,, | ଟ ।୵ |
| ବୋଲ୍ଡ଼ିଷଗନ୍ଧ ,, | ୧ ,, | ଟ ।୵ |
| ଲ୍ୟାଭେଣ୍ଡରଓ୍ୱାଟର ବଡ଼ଶିଶି | | ଟ ୦।୵ |
| ଏକନ | ଛୋଟଶିଶି | ଟ ୦ ।୵ |
| ଇଉ୍ଡିକୋଲୋନ | ବଡ଼ଶିଶି | ଟ ୧୵ |
| ଇଉ୍ଡିକୋଲୋନ | ଛୋଟଶିଶି | ଟ ।୵ |
| ଏକନ | ବଡ଼ ,, | ଟ ୦ ।୵ |
| ଫ୍ଲୋରିଡ଼ା ଓ୍ୱାଟର | | ଟ ୦ ।୵ |
| ଏସେନସ | | ୫ ୧ ୧ |

---

# CHEAP! CHEAP! CHEAP!

## SCHOOL BOOKS.

Prescribed for the Collegiate school and H. E. schools.

## JUST TO HAND.

To be had of the Printing Company, Cuttack.

କଲେଜିଏଟ ସ୍କୁଲ ଓ ଇଂରାଜୀ ହାଇସ୍କୁଲର ପାଠ୍ୟପୁସ୍ତକମାନ ନୂତନ ଆମଦାନୀ ହୋଇ ଅଛି ।

ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି କଟକ ଚଉଧୁରୀବଜାର ପ୍ରିଣ୍ଟିଂ କମ୍ପାନୀଙ୍କ ପୁସ୍ତକଦୋକାନରେ ଦ୍ରଷ୍ଟବ୍ୟ ।

---

# ବିଜ୍ଞାପନ ।

ମାଇନର, ଏଣ୍ଟ୍ରାନ୍ସ, ଅପରପ୍ରାଇମେରୀ ଓ ନିମ୍ନ ପ୍ରାଇମେରୀ ସ୍କୁଲର ଇଂରାଜୀ, ଓଡ଼ିଆ ପାଠ୍ୟପୁସ୍ତକ ଓ ଚାର୍ଟର ବର୍ଣ୍ଣମାଳା, ଓ ଅଙ୍କବହି, ଓ୍ୱାଲମେପ ପ୍ରଭୃତି ସୁଲଭମୂଲ୍ୟରେ କଟକ ଚଉଧୁରୀବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକ ଦୋକାନରେ ବିକ୍ରୟ ହେଉଅଛି ସ୍କୁଲର ଛାତ୍ର ଓ ଶିକ୍ଷକମାନେ ଅନୁଗ୍ରହରେ ପାଇପାରିବେ ।

---

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ଦେବାରେ

| | |
|---|---|
| ଧାଡ଼ିପ୍ରତି | ଟ ୦।୵ |
| ଅଗ୍ରିମମୂଲ୍ୟ | ଟ ୵୯ |
| ଦ୍ୱିତୀୟ ଏବଂ ତୃତୀୟ | ଟ ୵୯ |

ମାତ୍ର କୌଣସି ବିଜ୍ଞାପନ ଯେତେ କ୍ଷୁଦ୍ର ହେଉ ନା କାହିଁକି ଟ ୦ ୵ ରୁ ଊଣା ହେବ ନାହିଁ

ଦୀର୍ଘସ୍ଥାୟୀ ବିଜ୍ଞାପନର ଦର ସ୍ୱତନ୍ତ୍ର ନିୟମାନୁସାରେ ହେବ ଓ ତାହା ପତ୍ରଦ୍ୱାରା ସ୍ଥିର କରାଯିବ

ଅଧିକ ଜାଣିବା ଦରକାର ହେଲେ ସମ୍ପାଦକଙ୍କୁ ଲେଖିବାକୁ ହେବ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମ ଦେବାକୁ, ପଠାଇବାକୁ ହେବ


---

ଏହି ଉତ୍କଳଦୀପିକା କଟକ ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା

Digitized by srujanika@gmail.com

Split by PDF Splitter



# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା

ଖ ୩୧ ଶ | ତା ୧୫ ଦିନ ମାହେ ଅଗଷ୍ଟ ସନ ୧୮୯୬ ମହିହା । ମୁ । ହ ୨ ଭ ଭାଦ୍ରବ ସନ ୧୩୦୩ ସାଲ ଶନିବାର । | ଅଷ୍ଟମ ୫ ୩୯
ସ ଅଙ୍କ ୩୩ | | ସମ୍ପାଦେୟ ୫ ୨୯

ବଙ୍ଗଲାର ଅନୁଗାମିକ ବଷ୍ଟପଦ ସନ ୧୮-୮୫ ସାଲର ୩ ଅଇନ ଅନୁସାରେ ମାନ୍ୟବର ଲେପ୍ଟନାଣ୍ଟ ଗବର୍ଣ୍ଣର ବାହାଦୁର ଘୋଷଣା କରିଅଛନ୍ତି କି ଆସନ୍ତା ସେପ୍ଟେମ୍ବର ମାସ ୧ ମ ତାରିଖଠାରୁ ବାଲେଶ୍ୱର ଜିଲ୍ଲାରେ ଗ୍ରାମ୍ୟ ସମିତି ଗଠିତ ହେବା ସମ୍ବନ୍ଧୀୟ ଉକ୍ତ ଅଇନର ପ୍ରଥମ ଭାଗ ୨ୟ ଅଧ୍ୟାୟର ବିଧିମାନ ଜାରି ହେବ । ବର୍ତ୍ତମାନ ଜଳେଶ୍ୱର, ବାସୁଦେବପୁର, ଭଦ୍ରଖ, ସୋରୋ ଓ ଭଦ୍ରଖ ସ୍ଥାନମାନ ସମିତି ସ୍ଥାପନ ହେବାର ସ୍ଥିର ହୋଇଅଛି ।

---

ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କ ମିଉନିସିପାଲ ଇଲାକା ସନ ୧୮୯୬ ମସିହା ଜୁଲାଇମାସ ତା ୨୫ ରଖ ନୋଟିଫିକେସନ ୩୧୧୪ ଏମ ମୂଳ ବଜ୍ଞାପନ ଅନୁସାରେ ଅତ ଉତ୍କଳ ମିଉନିସିପାଲିଟୀ ମଧ୍ୟରେ ଅଳ ଦିନଠାରୁ ସନ ୧୮୮୪ ମସିହା ମିଉନିସିପାଲ ୩ ଅଇନର ୨ୟ ଭାଗର ସମସ୍ତ ବିଧିମାନ ପ୍ରଚଳିତ ହେବାର ଘୋଷଣା ହୋଇ ଯାଇଅଛି । ଏହି ବିଧିମାନ ଦ୍ୱାରା ମଣିଷ ଅସ୍ୱାସ୍ଥ୍ୟକର ଖାଦ୍ୟ ଓ ପୀଡ଼ାଦାୟକ ଦ୍ରବ୍ୟ ଇତ୍ୟାଦି ବିଷୟରେ ଅଛି ।

---

ମାନ୍ୟବର ବଙ୍ଗେଶ୍ୱର ସର ମାକେଞ୍ଜି ବାହାଦୁରଙ୍କର ଢାକା ନଗରରେ ବସ୍ତ୍ରମାନ ହେବା ଜଣସ୍ମୃତିରକ୍ଷାର୍ଥେ ଢାଉଲର ରାଜା ରାଜେନ୍ଦ୍ର ନାରାୟଣ ରାୟ ଧର୍ମଶାଳୀ ଖୋଲାଇବା ନିମନ୍ତେ ଟ ୧୫୦୦୦ ଙ୍କା ନଗରୁଲରେ ଭଳବାଙ୍କ ପଥ ବା ବନ୍ଧ ନିମନ୍ତେ ଟ ୨୦୦୦୦ ଙ୍କା ଏବଂ ମିଟ୍ଟୋ ପୋଲ ଡାକ୍ତରଖାନାରେ ଉତ୍ତମ ରୋଗୀଙ୍କ ରହିବା ଘର ନିର୍ମାଣ ନିମନ୍ତେ ଟ ୫୦୦୦ ଙ୍କା ଦାନ କରି ଅଛନ୍ତି । ସେ ସବୁ ଧର୍ମଶାଳୀ ଓ ବନ୍ଧର ନାମ ମାକେଞ୍ଜି ଦିଆଯିବ । ଏ ଦାନ ଅତି ପ୍ରଶଂସନୀୟ ଅଟେ ।

---

ମାନ୍ଦ୍ରାଜର ଗବର୍ଣ୍ଣର ସର ଆର୍ଥର ହେଭଲକ ପରିଦର୍ଶନ କାର୍ଯ୍ୟରେ ବାହାର ଯାଇଥିଲେ ନଗରର ଜେଲଖାନା ପରିଦର୍ଶନ କାଳରେ ସମସ୍ତ କଇଦିଙ୍କୁ ଏକତ୍ର ଛିଡ଼ା କରି ସେ ସାହା ଗୁହାରି କଲେ ତାହା ଶୁଣି ଉତ୍ତର ଦେଲେ । କେବଳ ଏକଜଣ କଇଦିର ଗୁହାରି ଯୁକ୍ତିସଙ୍ଗତ ବୋଧ ହେବାରୁ ତାହାର ନାମ ଟିପି ନେଇ ନଥି ଦେଖି ବିଚାର କରିବେ ବୋଲି କହି ଦେଲେ । ଏବାର ନାମ ପରିଦର୍ଶନ ଏବଂ ଏହାଙ୍କ ଶାସନକର୍ତ୍ତାଙ୍କର ପ୍ରକୃତ କାର୍ଯ୍ୟ । କେବଳ ପୁଲିସ ଲଗାଇ ଲୋକଙ୍କ ଦୂରରେ ରଖି କେବଳ ସରକାରୀ କାର୍ଯ୍ୟାଳୟମାନ ଦେଖିବା ପ୍ରକୃତ ପରିଦର୍ଶନ ନୁହେଁ ।

---

ଅସ୍ମାନଙ୍କ ସୁଖସମ୍ବାଦଦାତା ଲେଖିଅଛନ୍ତି କି ବାହୁଡ଼ା ଦଶମୀ ଦିନରୁ ବିଶେଷ ବୃଷ୍ଟି ହେବାରୁ ପୁରୀର ରଥମାନ ଦକ୍ଷିଣମୁଖା ହେବାରୁ ବିଳମ୍ବ ହୋଇ ଗଲା । ତହିଁ ଉତ୍ତାରୁ ଗତମାସ ତା ୨୭ ରଖରେ ଠାକୁରମାନେ ରଥାରୋହଣ କଲେ ମଧ୍ୟ ବୃଷ୍ଟି ହେତୁ ମନ୍ଦଗତିରେ ଆସି ଗତ ତା ୫ ରଖ ଉତ୍ତାରୁ ଏକାଦଶୀ ଦିନ ସନ୍ଧ୍ୟା ପ୍ରାୟ ଘ ୧୨ ଟା ସମୟରେ ଠାକୁରମାନେ ରତ୍ନସିଂହାସନରେ ବିଜେ କଲେ ସୁତରାଂ ରଥ ଭୁଲି ଯାଉଥା ନାହିଁ । ଦୀର୍ଘକାଳ ରଥମାନ ପଡ଼ି ରହିବାରୁ ରଥର ବଜାର ଓ ଯାତ୍ରୀମାନ ଛନ୍ନଛିନ୍ନ ହୋଇଗଲା । ଅତଏବ ଗତ ୪ର୍ଥ ଓଡ଼ିଶାର ପ୍ରଭୁଙ୍କ ଅସୁ ବ୍ୟସ୍ତ ବଡ଼ବାସ୍ତୁଲେ ଲୋକଙ୍କର ଦୁରବସ୍ଥା କହିଲେ ମାଧ୍ୟ !

---

ବଙ୍ଗୀୟ ଲେଫ୍ଟେନାଣ୍ଟ ଗର୍ଭ ଉପଲକ୍ଷରେ ଢାକାରେ ପହୁଞ୍ଚିବାର କହୁଦିନ ପୂର୍ବେ ଢାକାର କମିଶନର ସେଠା ମାଜିଷ୍ଟ୍ରେଟଙ୍କ ନିକଟକୁ ଏକ ଗୋପନୀୟ ପତ୍ରରେ ଲେଖି ପଠାଇଥିଲେ କି ମାନ୍ୟବର ଗେଟେଲାଟ ଏଥି ଇଚ୍ଛା ପ୍ରକାଶ କରୁଅଛନ୍ତି ଯେ ତାହାଙ୍କ ଅଭ୍ୟର୍ଥନାରେ ଯେମନ୍ତ କୌଣସି ପ୍ରକାର ସରକାରୀ ଉଦଯୋଗରୁ ବିନ୍ଦୁ ଗଉଡ଼ ପଡ଼ିବ ନାହିଁ । ସେପ୍ରକାର ବନ୍ଧୁ ଏକପକ୍ଷରେ ଯେମନ୍ତ ଥାଉନ ବିରୁଦ୍ଧ ଅନ୍ୟପକ୍ଷରେ ତେମନ୍ତ ତାହା-

Digitized by srujanika@gmail.com

ଙ୍କର ଶର୍ତ୍ତ ବିରୁଦ୍ଧ ଅଟେ । ବର୍ତ୍ତମାନର ଷ୍ଟେଟ-
ଲିଟ୍ଟ ମାନ୍ୟବର ସର ଅଲେକଜଣ୍ଡର ମାକେଞ୍ଜି-
ଙ୍କର ନ୍ୟାୟ ଇଚ୍ଛା ଏବଂ ଅଭ୍ରମର ଶୃଙ୍ଖଳାର
ଏହା ଆଉ ଗୋଟିଏ ପ୍ରମାଣ ଅଟେ ଏବଂ ଏଥି-
ପାଇଁ ସେ ସର୍ବ ସାଧାରଣଙ୍କର ଉତ୍କୃଷ୍ଟ ଧନ୍ୟ-
ବାଦର ପାତ୍ର ଅଟନ୍ତି ।

ସୁଦାନକୁ ପ୍ରେରିତ ହେବା ଭାରତ ସେନାର
ନିମନ୍ତେ ହେଉଥିବା ବ୍ୟୟ ଭାରତକୋଷରୁ
ଦିଆଯିବ କି ନାହିଁ ବିଷୟରେ ପାର୍ଲିଆମେଣ୍ଟ ସଭାରେ
ସାହାଯ୍ୟ ହେବାରୁ ଉକ୍ତିର ପ୍ରତିବାଦ ନିମନ୍ତେ
ମାନ୍ଦ୍ରାଜ ନଗରବାସୀଙ୍କ ମଧ୍ୟରେ କେତେକ
ଭଦ୍ରଲୋକ ଏକ ସଭା ଆହ୍ୱାନ କରାଯିବା ସକାଶେ ସେଠା
ଶେରିଫଙ୍କୁ ପ୍ରାର୍ଥନା କରିଥିଲେ । ସେରିଫ ଭାଷ୍ଟ୍ରି
କରିବାରୁ ଗତ ... ସାଡ଼ିଆଁରେ ମାନ୍ଦ୍ରା-
ଜବାସିମାନେ ଏକ ସଭା କଲେ ଏବଂ ଉକ୍ତି ସେ
ଅନ୍ୟାନ୍ୟ ଇଉରୋପୀୟ ଲୋକ ଉପସ୍ଥିତ ହୋ-
ଇଥିଲେ ସକଳ ସମ୍ପ୍ରଦାୟର ଦେଶୀୟ ଲୋକ
ଯୋଗ ଦେଇଥିଲେ ଏବଂ ସଭାଟି ପରିପୂର୍ଣ୍ଣ
ହୋଇଥିଲା । ଶ୍ରୀଯୁକ୍ତ ଶଙ୍କର ନାୟର ସଭାପ-
ତିର ଆସନ ଗ୍ରହଣ କରିଥିଲେ । ଗୋଟିଏ
ନିର୍ଦ୍ଧାରଣରେ ସଭା ପାର୍ଲିମେଣ୍ଟ ସଭାର ନିଷ୍ପତ୍ତିର
ନିନ୍ଦା କଲେ ଏବଂ ଅପର ନିର୍ଦ୍ଧାରଣରେ ଭାର-
ତର ହିତ ନିମନ୍ତେ ଦୃଢ଼ରୂପେ ବକ୍ତୃତାପ୍ରଦାନ
ହେବା କାରଣ ଭାରତଗର୍ଣ୍ଣମେଣ୍ଟଙ୍କୁ ଧନ୍ୟବାଦ
ଦିଆଯାଇ ସଭା ଭଙ୍ଗ ହେଲା ।

ଶତବର୍ଷ ବାର୍ଷିକ ଉତ୍ସବର ସ୍ମରଣରେ ଭାରତ
ଗବର୍ଣ୍ଣମେଣ୍ଟ କୋଟି କୋଟି ଟଙ୍କା ଋଣ କରିବାର
ଆବଶ୍ୟକ ହେବାରେ ୧୨ କୋଟି ଟଙ୍କାର ଅ-
ବେଦନପତ୍ର ଆସିଲା । ଅର୍ଥାତ୍ ଲୋକେ ଉକ୍ତିର
ଉଚ୍ଚଶ୍ରେଣୀ ସାଇଲେ ଏବଂ ଶତକଡ଼ା ୯ ଟଙ୍କା
ସୁଧରେ ଋଣ ଅଧିକା ଦେବାକୁ ପ୍ରାର୍ଥୀ ହେଲେ ।
ଏହି ବଷୟରେ ସରକାରଙ୍କର ପ୍ରାୟ ସାତେ
ବାରଲକ୍ଷ ଟଙ୍କା ଲାଭ ହୋଇଅଛି । ମାସକୁ
ଶତକଡ଼ା ବାରଅଣା ସୁଧ ପାଇ ଯେ ସ୍ଥଳେ
ଲୋକେ ସନ୍ତୁଷ୍ଟ ହୋଇ ଟଙ୍କା ଋଣ ଦେଇ
ଅଛନ୍ତି ସେ ସ୍ଥଳେ ଏ ଦେଶରେ ଟଙ୍କାର ଅଭାବ
ନାହିଁ ଏକଥା କହିବାକୁ ହେବ । କେବଳ
ବୁଦ୍ଧି ଓ ଉତ୍ସାହର ଅଭାବରୁ ସେହି ଟଙ୍କା ବା-
ଣିଜ୍ୟ ବ୍ୟବସାୟରେ ଲଗାଇ ଅଧିକ ଲାଭ କରି-
ବାକୁ ସମର୍ଥ ହେଉ ନାହାନ୍ତି । ଖାଲି କଣ୍ଠରେ

ଲଭ୍ୟାଂଶ ନାହିଁ ବୋଲି ମହାଜନମାନେ ବାର୍ଷିକ
୨୦ ଠାରୁ ୪୦ ଟଙ୍କା ପର୍ଯ୍ୟନ୍ତ ସୁଧରେ ଟଙ୍କା
ଋଣ ଦେଇ ମଧ୍ୟ ସନ୍ତୁଷ୍ଟ ନାହାନ୍ତି । ଋଣ
ଦେଲ ବେଳେ ଶତକଡ଼ା ଏକଟଙ୍କା ବା ଉକ୍ତିରୁ
ଅଧିକ ଗଣ୍ଡି, କୁହାଶ ବା କଣା ନାମରେ କାଟି
ନେଉଅଛନ୍ତି ।

ଚୀନର ପ୍ରଧାନ ମନ୍ତ୍ରୀ ଲିହଙ୍ଗଚଙ୍ଗ ଇଉ-
ରୋପର ଅନ୍ୟାନ୍ୟ ଦେଶ ପରିଦର୍ଶନ କରିସାରି
ସମ୍ପ୍ରତି ଲଣ୍ଡନ ନଗରରେ ଅବସ୍ଥାନ କରୁ
ଅଛନ୍ତି । ତାହାଙ୍କର ପରିଭ୍ରମଣର ପ୍ରଧାନ
ଉଦ୍ଦେଶ୍ୟ ଚୀନର କଷ୍ଟମ ମାସୁଲ ବୃଦ୍ଧି କରିବା
ଏବଂ ସେହି ଅଧିକା ଆୟଦ୍ୱାରା ସୈନିକ ବନ୍ଦୋ-
ବସ୍ତ ସୁସ୍ଥିରାଧୀନ କରିବା ; ଚୀନର ବୈଦେଶିକ
ବାଣିଜ୍ୟ ମଧ୍ୟରେ ଏକା ଇଂଲଣ୍ଡର ଅଂଶ ଶତ-
କଡ଼ା ୮୦ ଅଟେ । ସୁତରାଂ ଇଂଲଣ୍ଡ ସଙ୍ଗେ
ଯେଉଁ ବନ୍ଦୋବସ୍ତ ହେବ ଅନ୍ୟାନ୍ୟ ଦେଶର
ଉକ୍ତିରେ ଆପତ୍ତି ହେବ ନାହିଁ ; ସୈନିକ ବନ୍ଦୋ-
ବସ୍ତ ଉନ୍ନତ କରିବାରେ ସେ ସ୍ଥିର କରିଅଛନ୍ତି
ସେ ଫ୍ରାନ୍ସିସରଞ୍ଜ୍ୟର ମାରଟିନ ବନ୍ଧୁକ ସୁଲଭେ
ତାର ପ୍ରଧାନ ଅସ୍ତ୍ର ହେବ ଏବଂ ଇଉମାନର
ଲୋକ ସୈନିକ କର୍ମଗୁଡ଼ା ପଦରେ ନିଯୁକ୍ତ
ହେବେ । କୋଷେବାର ଅଧିକାପ୍ତିତ ଏବଂ
ଅନ୍ୟାନ୍ୟ ସ୍ଥଳପଦରେ ଇଂରାଜମାନେ ନିଯୁକ୍ତ
ହେବେ ଏବଂ ରଣତରୀମାନ ଇଂଲଣ୍ଡର ଆଦ-
ର୍ଶରେ ସେହି ସ୍ଥାନର କାରଖାନାମାନଙ୍କ ପ୍ରସ୍ତୁତ
ହୋଇ ଯିବ । ଚୀନ ଅପଣାର ବଳ ବୃଦ୍ଧି ବନ୍ଦୋ-
ବସ୍ତରେ ଯଥୋଚିତ ମନଯୋଗୀ ହୋଇଅଛି
ଶୁଣିଲୁ ଭରସା ଅଟେ ।

ବାଲେଶ୍ୱର ସମ୍ବାଦବାହିକା ଲେଖିଅଛନ୍ତି ଯ
ପୂର୍ବେ ଗ୍ରାମବାସିମାନେ ଆପଣା ମଧ୍ୟରେ ପଞ୍ଚାୟତ
କରି ସେପରି ଶୃଙ୍ଖଳା ଉପାୟଦ୍ୱାରା ଗ୍ରାମର ଅଭ୍ୟା-
ବଶ୍ୟକୀୟ ହିତକର କାର୍ଯ୍ୟମାନ ସାଧନ କରୁ-
ଥିଲେ ବର୍ତ୍ତମାନ୍ ବଙ୍ଗୀୟ ଗବର୍ଣ୍ଣମେଣ୍ଟଙ୍କର
ପ୍ରସ୍ତାବ ମତେ ଗ୍ରାମ୍ୟ ସମିତି ବା ପଞ୍ଚାୟତମାନେ
ସେହିପରି ନିୟମ ଆଦାୟ କରି ସେହି କାର୍ଯ୍ୟ-
ମାନ ସାଧନ କରିବେ ସୁତରାଂ ଏ ପ୍ରସ୍ତାବ କର୍ତ୍ତା-
ସୁଷ୍ଠୁତା ଏବଂ ହିତକର ଅଟେ ଏବଂ ଉକ୍ତିର
ପ୍ରତିବାଦ କରିବା ଉଚିତ ନୁହେ । ସେବେ
ଭୂଜା ଓ ନିୟମ ଏକ କୁଅଲ୍ଲା ଲେବେ ସନ୍ତୋ-
ଷଯୋଗ୍ୟ ଯୁକ୍ତି ଠିକ ଶୁଣୁଲା ହେବେ ନାହିଁ ।

ମାତ୍ର ଯେଉଁ ହେବା ସ୍ୱେଚ୍ଛାଧୀନ ମାତ୍ର ନିୟମ
ଧାର୍ଯ୍ୟ ଏବଂ ଆଦାୟ ପରାଧୀନ ଏବଂ ଉକ୍ତି ପାଇଁ
ଅନ୍ତତଃ ଦଳନ୍ତି ସମ୍ମତି ନିୟମ ହେବାର
କଥା । ବିଶେଷତଃ ଯେଉଁଠାରେ ଗ୍ରାମବାସିଙ୍କ ମଧ୍ୟ-
ରେ ଦଳାଦଳି ଏବଂ ମାଲିମୋକଦ୍ଦମା ଜଗାସ୍ତ
ସହଯୋଗୀ ସ୍ୱୟଂ ସ୍ୱୀକାର କରୁଅଛନ୍ତି ସେ
ସ୍ଥଳେ ସେମାନଙ୍କ ଦ୍ୱାରାରେ ନିୟମ ରୂପ ଅସ୍ତ୍ର
ହେବା ଉଚିତ କି ? ଏହି ଦଳାଦଳି ହେତୁ
ବାଲେଶ୍ୱର ସହରର ନିୟମ ସେତେ ଯେତେ
ଅସନ୍ତୋଷ ହୋଇଥିଲା ଅବଶ୍ୟ ଅନେକଙ୍କର
ସ୍ମରଣ ଥିବ । ସହରରେ ଅନେକ ବିଦ୍ୱାନ୍ ବୁଦ୍ଧି-
ମାନ ଏବଂ ସ୍ୱାଧୀନ ଲୋକ ଥିବା ସ୍ଥଳେ
ଯେବେ ଏପରି ଘଟିଲା ତେବେ ମୋଫସଲରେ
ସେପରି ନ ଘଟିବାର କଥାରୁ ଆଶା କରାଯିବ ।

ଏଣ୍ଟ୍ରାନ୍ସରେ ଡ ୩୬ ନ ବୃଷ୍ଟି ଓ ବନ୍ୟା
ଜଳ ହୋଇଥିଲା ମାତ୍ର ଗତ ମଙ୍ଗଳବାର ଠାରୁ
ପୁଣି ଦ ୪ ନ ଧରି ଓ ଉକ୍ତିଙ୍କେ ବର୍ଷଣ
ହୋଇ କେବଳ ସ୍ଥାନମାନେ ଯେଉଁ ଆଶାର
ସଞ୍ଚାର ହୋଇଥିଲା ତାହା ମଳିନ ପଡ଼ିଯାଇଥିଲା ।
ମାତ୍ର କାଲିଠାରୁ ଜଳ ଛାଡ଼ିଅଛି ଏବଂ ବୃଷ୍ଟି
ଜଣା ଅଛି । ଗତ ବନ୍ୟାପାତ ଉପ୍ଲାବିତ ଭୂମିର
ଅନେକ କର୍ଷ ଘଟି ନ ଥିଲା । ଏଣୁ ଲୋକଙ୍କୁ
ଓଡ଼ିଶାର ସର୍ବତ୍ର ଜଳ ପ୍ରବଳ ହୋଇ କେତେ
ଗ୍ରାମ ଭସାଇ ନେଇ କେତେ ସବୁ କରିଅଛି
ତାହା ନିଶ୍ଚୟ କରିବା କଠିନ । ମୋଫସଲର
ଅବସ୍ଥା ଦେଖିବା ନିମନ୍ତେ ଆମ୍ଭମାନଙ୍କର କଳେ-
କ୍ଟର ସ୍ୱୟଂ ଗତ ବୁଧବାର ଭୂତନ ଅଞ୍ଚଳକୁ
ଯାତ୍ରା କରିଅଛନ୍ତି ଏବଂ ସବଡିଭିଜନ ହାକିମ
ମାନଙ୍କୁ ତଦନ୍ତ କରି ରିପୋର୍ଟ କରିବାର ଆଦେଶ
ଦେଇଅଛନ୍ତି । ଆଶା କେରିଅଛୁ ସାହେବ
ମହୋଦୟ ପ୍ରକୃତ ଅବସ୍ଥା ଦେଖି ବନ୍ୟାପୀଡ଼ିତ
ଲୋକଙ୍କ ସାହାଯ୍ୟର ଉଚିତ ବ୍ୟବସ୍ଥା କରିବେ
ଏବଂ ଜଣାବାର ତାହା ପ୍ରକାଶ ପାଇବ । ଶୁଣି-
ବାରେ କେତେକ ସ୍ଥାନରେ ଗ୍ରାମରେ ଏସ୍ଥ ମଧ୍ୟ-
ରେ ଭୂର ଏବଂ ଓଲାଉଠା ପ୍ରବେଶ କରିଅଛି ।
ଅନାହାର ବା ଅଳ୍ପାହାରରେ ଭଙ୍ଗା ଘରେ ବା
ପଦାରେ ବାସ କଲେ ସେପରି ଘଟିବା ଅସମ୍ଭବ
ନୁହେ । ସେଠାରେ ସାହାଯ୍ୟ କରିବା ଦୁର୍ଦ୍ଦଶା-
ଗ୍ରସ୍ତ ଲୋକଙ୍କର ସକଳ ସୁବିଧା ହେବାର ଆଶା
ନାହିଁ । ଉଆଡ଼ ସେଠାରେ ଶୀଘ୍ର ସାହାଯ୍ୟ ଦାନ
ହେବ ତେବେ ଭଲ । ଫସଲ ସମ୍ବନ୍ଧରେ ଶୁଣା-

Digitized by srujanika@gmail.com
Split by PDF Splitter

ଯାଏ ଯେ ପାଣିରେ ବୁଡିଥିବା ପ୍ରାୟ ସକଳ ଜଳର ଧାନଗଛ ପଚି ଯାଇଅଛି ଏବଂ ଅନେକ ଜଳରେ ତା ୨୩ ର ବାଲି ପଡ଼ି ଯାଇଅଛି । ସେସବୁ ଜଳରେ କୌଣସି ଫସଲର ଆଶା ନାହିଁ । ଅନ୍ୟ ଜଳର ଅବାଦ ପ୍ରଭୃତି ସ୍ଥାନମାନେ ସମୟରେ ସାହାଯ୍ୟ ପାଇଲେ ତୁଷ୍ଟି ହଇବେ ନାହିଁ ଏବଂ ଏଣିକି ପାଗ ଯୋଗ ହେଲେ ଭଲ ହୋଇପାରେ । ମାତ୍ର ବନ୍ୟା ପୂର୍ବେ ଯେପରି ଫସଲର ଆଶା ହୋଇଥିଲା ତାହା ଆଉ ରହିଲା ନାହିଁ ଏବଂ କୌଣସିମତେ ସେବେ ଯେସବୁରେ ଆଠଅଣା ଫସଲ ହସ୍ତଗତ ହେବ ତେବେ ଗ୍ରାମର ରକ୍ଷା ହେବ । ଏଥିମଧ୍ୟରେ ଚାଉଳର ଦର ବୃଦ୍ଧି ହୋଇଅଛି । ଲୋକମାନେ ନିତାନ୍ତ ଅସ୍ଥିର ଅଛନ୍ତି ।

---

ଏଠା ରେଭେନସା କଲେଜର ଅଧ୍ୟକ୍ଷ ଶ୍ରୀଯୁକ୍ତ ହଲୱାର୍ଡସାହେବଙ୍କ ସମ୍ବନ୍ଧୀୟ ମାନ୍ୟବର ମଧୁସୂଦନ ବାବୁଙ୍କ ପ୍ରଶ୍ନର ଯେ ସମସ୍ତ ଉତ୍ତର ଗବର୍ଣ୍ଣମେଣ୍ଟଙ୍କ ପକ୍ଷରୁ ବ୍ୟବସ୍ଥାପକ ସଭାରେ ପ୍ରଦତ୍ତ ହୋଇଥିଲା ତହିଁରେ ଅନେକ ସୁତରାଂ ଭ୍ରମ ଥିବାର ଏ ନଗରର ଜଣେ ସମ୍ବାଦଦାତା ଗତ ଜୁଲାଇ ମାସ ତା ୬ ରଖର ଷ୍ଟେଟ୍‌ସ୍‌ମ୍ୟାନ ସମ୍ବାଦପତ୍ରରେ ଦେଖାଇଅଛନ୍ତି । ପତ୍ରପ୍ରେରକ ଆପଣା ପ୍ରସ୍ତାବର ଯେପରି ଅକାଟ୍ୟ ପ୍ରମାଣ ଦେଇଅଛନ୍ତି ତହିଁରେ ଭ୍ରମ ବାହାର କରିବାର ବାଟ ନାହିଁ । ଉଦାହରଣ ସ୍ୱରୂପ କେତେକ ବିଷୟ ତହିଁରୁ ଉଦ୍ଧାର କରୁଅଛୁ ଯଥା—୧-ହଲୱାର୍ଡସାହେବ ସନ ୧୮୯୬ ସାଲ ଜୁଲାଇ ମାସ ତା ୨୭ ରଖ ଅର୍ଥାତ୍ କଲେଜ ଫିଟିବାର ଏକ ସପ୍ତାହ ମଧ୍ୟରେ କାର୍ଯ୍ୟର ଭାର ଗ୍ରହଣ କରିଥିବା ସ୍ଥଳେ ସନ ୧୮୯୩ ସାଲର ପରୀକ୍ଷାର କେତେକ ମାସ ପୂର୍ବେ ଗ୍ରହଣ କରିଥିବା କଥା ଠିକ ହେଉ ନାହିଁ । ୨—୧୮୯୬ ସାଲର ଏଫ୍, ଏ, ପରୀକ୍ଷାରେ ଜ ୧୬ ଣ ଓଡ଼ିଆ ମଧ୍ୟରୁ ଜ ୭ ଣ ଏବଂ ଜ ୧୬ ଣ ବଙ୍ଗାଳି ମଧ୍ୟରୁ ଜ ୮ ଣ ପାସ କରିଥିଲେ ଏବଂ ପ୍ରଥମ ଶ୍ରେଣୀରେ ପାସ ହୋଇଥିବା ଜଣେ ମାତ୍ର ଛାତ୍ର ଓଡ଼ିଆ ଥିଲା । ବି, ଏ, ପରୀକ୍ଷାରେ ଜ ୭ ଣ ଓଡ଼ିଆ ମଧ୍ୟରୁ ଜ ୬ ଣ ଏବଂ ବଙ୍ଗାଳି ଜ ୧୭ ଣ ମଧ୍ୟରୁ ଏକ ଜଣ ପାସ କରିଥିଲେ । ସୁତରାଂ ସାଧାରଣତଃ ବଙ୍ଗାଳିମାନଙ୍କଠାରୁ ଓଡ଼ିଆମାନେ ପଶ୍ଚାତ୍‌ପଦ ଏ କଥା ପ୍ରମାଣ ହେଉ ନାହିଁ । ୩—ପୂର୍ବବର୍ତ୍ତୀ ଅଧ୍ୟକ୍ଷ ଶ୍ରୀଯୁକ୍ତ ଏକିଉସାହେବ ରେଭେନସା କଲେଜରେ ଏକବର୍ଷ ଏମ୍, ଏ ଶ୍ରେଣୀ ଫିଟାଇ ଦେଇଥିଲେ ମାତ୍ର ଇଂରାଜୀ ସାହିତ୍ୟ ଶିକ୍ଷା ଦେଉଥିବା ସ୍ଥଳେ ଉକ୍ତ ଶ୍ରେଣୀ ହଲୱାର୍ଡସାହେବ ପ୍ରଥମେ ଫିଟାଇବାର ବୋଲାଯାଇ ନ ପାରେ । ଏଥିରୁ ବୋଧ ହେଉଅଛି ଯେ ଯେଉଁମାନେ ଗବର୍ଣ୍ଣମେଣ୍ଟଙ୍କ ଉତ୍ତର ପ୍ରସ୍ତୁତ କରିବା ବିଷୟରେ ସାହାଯ୍ୟ କରିଥିଲେ ସେମାନେ ସମୁଚିତ ତଦନ୍ତ କରି ନାହାନ୍ତି ଏବଂ ତାହା ନ କରିବା ଅନ୍ୟାୟ ଅଟେ । ସରକାରୀ କାଗଜପତ୍ର ଅନୁସାରରୂପେ ତଦନ୍ତ କରି ଉତ୍ତର ପ୍ରସ୍ତୁତ ହୋଇଥିଲେ ଏପରି ଭ୍ରମ ସମ୍ଭବ ନାହିଁ । ଯାହାହେଉ ଫଳାଫଳର ସପକ୍ଷ ଓ ବିପକ୍ଷ ଉଭୟ ପକ୍ଷରେ ତର୍କ ଉପସ୍ଥିତ ହୋଇପାରେ ମାତ୍ର ଅନିବାର୍ଯ୍ୟ କାରଣରେ ଜନମ୍ବରେ ପ୍ରାର୍ଥନା ହେଲେ ପ୍ରଶ୍ନକାରଙ୍କ ତୁଷ୍ଟି ସମ୍ପାଦନ କରିବା ଏବଂ ଭ୍ରମର ଅଭଉଲ୍ତ ଅର୍ଥ ଖଣ୍ଡ ନେବା ଗୁରୁତର ଦୋଷ ଏବଂ ତହିଁର ପ୍ରତିବିଧାନ କର୍ତ୍ତୃପକ୍ଷଙ୍କର କରିବାର ଉଚିତ ।

---

ଶିକ୍ଷାବିଭାଗର କର୍ମଚାରୀଙ୍କ ଶ୍ରେଣୀବିଭାଗ-ସମ୍ବନ୍ଧରେ ଏଥି ପୂର୍ବେ ଯେଉଁ ପ୍ରସ୍ତାବ ହୋଇଥିଲା ତାହା ବିଲାତରୁ ମଞ୍ଜୁର ହୋଇ ଆସିବାରୁ ଭାରତ ଗବର୍ଣ୍ଣମେଣ୍ଟଙ୍କର ଏକ ଘୋଷଣାପତ୍ର ପ୍ରଚାରିତ ହୋଇଅଛି । ତହିଁର ସାର ମର୍ମ ଏହି କି ଶିକ୍ଷାବିଭାଗର କର୍ମଚାରୀମାନେ ଦୁଇ ଶ୍ରେଣୀରେ ବିଭକ୍ତ ହେବେ ଯଥା—ଉଚ୍ଚ ଏବଂ ନିମ୍ନ । ଉଚ୍ଚ ଶ୍ରେଣୀ ପୁଣି ଦୁଇ ଭାଗ ହେବ ଯଥା; ଇଣ୍ଡିଆନ ଏଡୁକେସନାଲ ସରଭିସ ଓ ପ୍ରଭିନସିଆଲ ଏଡୁକେସନ ସରଭିସ । ଇଣ୍ଡିଆନ ସରଭିସରେ ଇଂରାଜ ଭିନ୍ନ ଆଉ କେହି ପ୍ରବେଶ କରି ପାରିବେ ନାହିଁ । ପ୍ରଭିନସିଆଲରେ ଭାରତବାସୀ ନିଯୁକ୍ତ ହେବେ । କଲେଜର ପ୍ରିନସିପାଲ, ଉଚ୍ଚଶ୍ରେଣୀର ଅଧ୍ୟାପକ ଓ ଇନସ୍ପେକ୍ଟରମାନେ ଇଣ୍ଡିଆନ ଏଡୁକେସନାଲ ସରଭିସ ଭୁକ୍ତ ଏମାନେ ପ୍ରଥମେ ଟ ୫୦୦ ଙ୍କା ବେତନରେ ନିଯୁକ୍ତ ହୋଇ ବାର୍ଷିକ ଟ ୫୦ ଙ୍କା ଲେଖାଏଁ ବୃଦ୍ଧି ପାଇ ଦଶବର୍ଷରେ ଟ ୧୦୦୦ ଙ୍କା ବେତନ ପାଇବେ । ତହିଁରୁ ଅଧିକ କେହି ପାଇବେ ନାହିଁ । ମାତ୍ର ପ୍ରିନସିପାଲ ଏବଂ ଉଚ୍ଚଶ୍ରେଣୀର ଇନସ୍ପେକ୍ଟରମାନେ ଟ ୨୫୦ ଠାରୁ ଟ ୫୦୦ ଙ୍କା ପର୍ଯ୍ୟନ୍ତ ବାର୍ଷିକ କ୍ରମଶଃ ବୃଦ୍ଧି ହାରେ ବିଶେଷ ଦିଆ ଯାଇବ । ସୁତରାଂ ଏମାନଙ୍କ ଉର୍ଦ୍ଧବେତନ ଓ ଦିଆ ଗଲେ ଟ ୧୨୫୦ ଠାରୁ ଟ ୧୫୦୦ ଙ୍କା ପର୍ଯ୍ୟନ୍ତ ହେବ । ଯେଉଁମାନେ ପ୍ରଭିନସିଆଲ ଏଡୁକେସନ ସରଭିସରେ ଭରତି ହେବେ ସେମାନେ ପ୍ରଥମେ ଟ ୧୫୦ ଙ୍କା ବେତନ ପାଇବେ ଏବଂ ଶେଷରେ ଟ ୭୦୦ ଙ୍କାରୁ ଅଧିକ ପାଇବେ ନାହିଁ । ଅଧ୍ୟାପକ ଇନସ୍ପେକ୍ଟର ଜଏଣ୍ଟ ଓ ଆସିଷ୍ଟାଣ୍ଟ ଇନ୍‌ସ୍ପେକ୍ଟର ଏହି ଶ୍ରେଣୀର କର୍ମଚାରୀ ହେବେ । ଜିଲ୍ଲା ସ୍କୁଲର ହେଡମାଷ୍ଟର, ଡେପୁଟୀ ଇନସ୍ପେକ୍ଟର ଓ ଅନ୍ୟାନ୍ୟ କର୍ମଚାରୀମାନେ ନିମ୍ନ ଶ୍ରେଣୀରେ ସ୍ଥାନ ପାଇବେ । ନିମ୍ନ ଶ୍ରେଣୀର କୌଣସି କର୍ମଚାରୀର ବେତନ କେବେହେଁ ଟ ୨୦୦ ଙ୍କାରୁ ଅଧିକ ହେବ ନାହିଁ ।

ଉପର ଲିଖିତ ଶ୍ରେଣୀ ବିଭାଗର ବିଶେଷତ୍ୱ ଏହି କି ଏଥିରେ ଗୋରା କଳାର ଭେଦ ସ୍ପଷ୍ଟରୂପେ ରକ୍ଷାକରି ଯାହାକି ମହାରାଣୀଙ୍କ ଘୋଷଣାପତ୍ରର ବିରୁଦ୍ଧ ଅଟେ । ଭାରତବାସୀ ବିଲାତରେ ସିଭିଲସରଭିସ ପରୀକ୍ଷା ଦେଇ ଉଚ୍ଚ କମିଶନର ହୋଇ ପାରିବ । ମାତ୍ର ସେପରି ଯୋଗ୍ୟ ହେଲେହେଁ କୌଣସି କଲେଜର ପ୍ରିନ୍ସିପାଲ ହୋଇ ପାରିବ ନାହିଁ । ଦେଶୀୟ ଲୋକଙ୍କ ଯେତେ ଉନ୍ନତିର ଆଶା କରୁଅଛନ୍ତି ସେତେ ଅବନତି ଲକ୍ଷ୍ୟ କରୁଅଛନ୍ତି । ଏହା ବଡ଼ ଦୁଃଖର କଥା ।

---

### ଅନୁସ୍ଥାପନ ରହସ୍ୟ ।

